READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୪ ସଂଖ୍ୟା-୧୪ ୨୦ - ୨୬ ଏପ୍ରିଲ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-14 20th - 26th APRIL, 2020 BHUBANESWAR ₹ 5/- (8 Pages)


# କରୋନା ମାମଲା କମିଛି

**ଭୁବନେଶ୍ୱର :** ଲକ୍‌ଡାଉନ୍ ଯୋଗୁ କରୋନା ମୁକାବିଲାରେ ବଡ ସଫଳତା ମିଳିଛି। ପୂର୍ବ ସ୍ଥିତି ଅନୁସାରେ କରୋନା ମାମଲା ୪୦% କମିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତରଫରୁ କୁହାଯାଇଛି। ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସୁସ୍ଥତା ହାର ବେଶ୍ ଉତ୍ସାହ ଜନକ ରହିଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ କରୋନା ଆକ୍ରାନ୍ତ ଖୁବ୍ ଶୀଘ୍ର ସୁସ୍ଥ ହେଉଛନ୍ତି। ଅନେକ ଛୋଟ ଛୋଟ ରାଜ୍ୟରେ କମ୍ ଜନସଂଖ୍ୟା ଦୃଷ୍ଟିରୁ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିଛି। ମାତ୍ର ଯେଉଁ ରାଜ୍ୟଗୁଡ଼ିକରେ ୫୦ରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଓଡ଼ିଶାରେ ଆକ୍ରାନ୍ତ ସୁସ୍ଥ ହେବାର ହାର ବାକି ରାଜ୍ୟ ତୁଳନାରେ ବେଶ୍ ଭଲ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ମୋଟ୍ ୬୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୨୧ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ



ରିପୋର୍ଟ ଦେଇଛି। ଏହି ରିପୋର୍ଟକୁ ଦେଖିଲେ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସୁସ୍ଥତା ହାର ୩୫% ରହିଛି। ଏ କ୍ଷେତ୍ରରେ ଜାତୀୟ ହାର ହେଉଛି ୧୩.୦୬ ପ୍ରତିଶତ। ଯାହାକି ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ ଅଧିକ। ରୋଗୀଙ୍କ ସୁସ୍ଥତା ହାରରେ କେରଳ ସର୍ବାଗ୍ରେ ଥିବା ବେଳେ ଏଠାରେ ୩୯୫ ଜଣ ଆକ୍ରାନ୍ତ ଚିହ୍ନଟ ହେବା ସହ ୨୪୫ ଜଣ ସୁସ୍ଥ ହୋଇଛନ୍ତି। ଯାହାର ହାର ୬୨.୦୨ ପ୍ରତିଶତ ରହିଛି। ଏହା ତଳକୁ ବିହାରରେ ୮୩ ଆକ୍ରାନ୍ତ ଚିହ୍ନଟ ସହ ୩୭ ଜଣ ଆରୋଗ୍ୟ ହୋଇଥିବାରୁ ଏଠାରେ ସୁସ୍ଥତା ହାର ୪୪.୫୭ ପ୍ରତିଶତ ରହିଛି। ମାତ୍ର ଏହି ତିନୋଟି ରାଜ୍ୟ ତୁଳନାରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଦିଲ୍ଲୀ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଓ ତାମିଲ୍‌ନାଡୁ ଆଦି ରାଜ୍ୟ ବହୁ ପଛରେ ରହିଛନ୍ତି। ଏହା ବ୍ୟତୀତ ଓଡ଼ଶା ପାଇଁ ଆଉ ଏକ ବଡ଼ ସଫଳତା ମଧ୍ୟ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଭାଇରସ୍‌ରେ ମାତ୍ର ଜଣେ ଲୋକ ପ୍ରାଣ ହରାଇଛନ୍ତି। ବାକି ୫୦ରୁ ଅଧିକ ଆକ୍ରାନ୍ତ ଥିବା ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ଯଥେଷ୍ଟ ଅଧିକ ରହିଥିବା ବେଳେ କେବଳ ବିହାର ଓ ଓଡ଼ିଶାରେ ଜଣେ ଲେଖାଏଁ ରୋଗୀ ପ୍ରାଣ ହରାଇଛନ୍ତି। ଏହାସହିତ ସାରା ବିଶ୍ୱରେ କରୋନା ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ଉପରେ ➤ ପୃ-୬

## ପରୀକ୍ଷା ହେବ ୫୦୦୦ ସ୍ୱାବ୍

**ଭୁବନେଶ୍ୱର :** ରାଜ୍ୟ ସରକାର ଭୁବନେଶ୍ୱରବାସୀଙ୍କୁ ନିରାପଦ ରଖିବା ଲାଗି ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଭୁବନେଶ୍ୱର ବର୍ତ୍ତମାନ କରୋନାର କେନ୍ଦ୍ରସ୍ଥଳୀ ପାଲଟିଛି। ଏପରି କ୍ଷେତ୍ରରେ ଭୁବନେଶ୍ୱରର କରୋନାର ଗତିରୋଧ କରିବାକୁ ରାଜ୍ୟ ସରାକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହର କରିଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ରାଜଧାନୀରେ ୧୯୫୮ଟି ପରୀକ୍ଷଣ ହୋଇସାରିଛି, ଯାହାକି ମୋଟ ନମୁନା ପରୀକ୍ଷାର



୩୮ ପ୍ରତିଶତ। ତେଣୁ କରୋନା ସ୍ଥିତିକୁ ନଜରରେ ରଖି ଆସନ୍ତା ୭ ଦିନ ମଧ୍ୟରେ ଭୁବନେଶ୍ୱରରେ ୫ ହଜାର ନମୁନା ପରୀକ୍ଷା କରିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ଜନସାଧାରଣଙ୍କୁ ପ୍ରାଥମିକତା ଭିତ୍ତିରେ ୪ଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ଯେଉଁମାନଙ୍କର ଟ୍ରାଭେଲ୍ ହିଷ୍ଟ୍ରୀ ଅଛି, କରୋନା ଲକ୍ଷଣ ରହିଛି, ପ୍ରାଇମେରି କଣ୍ଟାକ୍ଟ ତଥା ପଜିଟିଭ୍ ରହିଛି ସେମାନଙ୍କ ପରୀକ୍ଷା କରାଯିବ। ସେହିପରି ଯେଉଁ ସ୍ୱାସ୍ଥ୍ୟ କର୍ମୀମାନେ ବିଭିନ୍ନ ରୋଗୀଙ୍କ ସମ୍ପର୍କରେ ଆସିଛନ୍ତି ସେମାନଙ୍କର ପରୀକ୍ଷା କରାଯିବ। ବିଭିନ୍ନ କରୋନା ସଂକ୍ରମିତ ଅଞ୍ଚଳରୁ ଆସିଥିବା ବ୍ୟକ୍ତି, ଯେଉଁମାନଙ୍କଠାରେ ଥଣ୍ଡା, କାଶ, ଜ୍ୱର ଭଳି ଲକ୍ଷଣ ଦେଖାଯାଉଛି, ଯେଉଁମାନେ ସାମାଜିକ ଦୂରତ୍ୱକୁ ରକ୍ଷା କରିପାରୁନାହାନ୍ତି ସେମାନଙ୍କର ମଧ୍ୟ ପରୀକ୍ଷା କରାଯିବ। ସାହିବସ୍ତିଗୁଡ଼ିକରେ ➤ ପୃ-୬

## ବିଶ୍ୱରେ ମୃତ୍ୟୁସଂଖ୍ୟା ଦେଢ଼ଲକ୍ଷ ଟପିଲା

**ୱାଶିଂଟନ୍ :** ବିଶ୍ୱରେ କରୋନା ମହାମାରୀର ମୃତ୍ୟୁ ତାଣ୍ଡବ ଜାରି ରହିଛି। ୨୧୦ ରାଷ୍ଟ୍ର କରୋନାରେ ପ୍ରଭାବିତ ହୋଇଥିବା ବେଳେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତଙ୍କ ସଂଖ୍ୟା ୨୨,୧୮,୫୯୦କୁ ବୃଦ୍ଧି ପାଇଛି। ଇତିମଧ୍ୟରେ ମୃତ୍ୟୁ ସଂଖ୍ୟା ପ୍ରାୟ ଦେଢ଼ ଲକ୍ଷରେ ପହଞ୍ଚିଛି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ଏ ପର୍ଯ୍ୟନ୍ତ ୫,୬୦,୬୭୨ ଜଣ ସୁସ୍ଥ ହୋଇଥିବା ଜଣାଯାଇଛି। କରୋନାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଆମେରିକା। ସେଠାରେ ମୃତ୍ୟୁ ସଂଖ୍ୟା ୩୫,୩୫୩ ହୋଇଛି। ଆମେରିକାରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ରାତି ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା



୬,୮୦,୫୪୧ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ୨୯୭୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ସ୍ପେନ୍‌ରେ ୧,୮୮,୦୬୮ ଜଣ ଆକ୍ରାନ୍ତ ହୋଇଛନ୍ତି। ସେଠାରେ ମୃତ୍ୟୁ ସଂଖ୍ୟା ୧୯୪୭୮କୁ ବୃଦ୍ଧି ପାଇଛି। ଇଟାଲୀରେ ଏ ପର୍ଯ୍ୟନ୍ତ ୧,୬୮,୯୪୧ ଆକ୍ରାନ୍ତ ହୋଇଥିଲା ବେଳେ ୨୨,୧୭୦ ଜଣଙ୍କର ମୃତ୍ୟୁ ଘଟିଲାଣି। ବ୍ରିଟେନ୍‌ରେ ୧୦୮୬୯୨ ଜଣ ଆକ୍ରାନ୍ତ ହୋଇଛନ୍ତି। ସେଠାରେ ଗତ ୨୪ ଘଣ୍ଟା ମଧ୍ୟରେ ୫୫୯୯ ଜଣ ସଂକ୍ରମିତ ହୋଇଛନ୍ତି। ବ୍ରିଟେନ୍‌ରେ ଏ ପର୍ଯ୍ୟନ୍ତ ୧୪,୫୭୬ ଜଣଙ୍କର ମୃତ୍ୟୁ ଘଟିଲାଣି। ଜର୍ମାନୀରେ ୧,୩୮,୪୫୬ ଆକ୍ରାନ୍ତ ହୋଇଥିବା ବେଳେ ସେଠାରେ ମୃତ୍ୟୁ ସଂଖ୍ୟା ୪୧୯୩କୁ ବୃଦ୍ଧି ପାଇଛି। କରୋନାର ଉତ୍ପତ୍ତି ସ୍ଥଳ ଚୀନରେ ଏହି ରୋଗ ନିୟନ୍ତ୍ରଣାଧୀନ ଥିଲା ବେଳେ ଗତ ଗୁରୁବାର ଅପେକ୍ଷା ➤ ପୃ-୬

## ପଦାରେ ଛେପ ପକାଇଲେ ଜରିମାନା

**ଭୁବନେଶ୍ୱର :** ସାବଧାନ। ଏଣିକି ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ଦେବାକୁ ପଡ଼ିବ ଜୋରିମାନା। ସାରା ରାଜ୍ୟରେ ଥିବା ସର୍ବସାଧାରଣ ସ୍ଥାନଗୁଡିକରେ ଛେପ ପକାଇବା ଏକ ଦଣ୍ଡନୀୟ ଅପରାଧ। ଏନେଇ ଚରମବାଣୀ ଶୁଣାଇଛନ୍ତି ରାଜ୍ୟ ସରକାର। କରୋନା ମୁକାବିଲା ନେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରେ ଜାରି ରହିଛି ପ୍ରୟାସ ଏବଂ ଏହି ମର୍ମରେ ଲୋକେ ଯେଭଳି ସୁରକ୍ଷିତ ଏବଂ କରୋନା ମୁକ୍ତ ରହିବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ତେଣୁ



କରୋନା ଯୁଦ୍ଧରେ ଜିତିବାକୁ ହେଲେ ସାମାଜିକ ଦୂରତା ଏବଂ ସଚେତନତା ହିଁ ଏକମାତ୍ର ଅସ୍ତ୍ର ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିଭଳି ଛେପ ଦ୍ୱାରା କରୋନା ➤ ପୃ-୬

## ବକ୍ରବାଣୀ



କରୋନା ବାୟାଣୀ ଯାଉ କି ଥାଉ
ଟିଭିରେ ଡିବେଟ୍ ନିଇତି ହଉ
ଟିଆରପି ଗେମ୍ ମଜା ନିଆରା
କରୋନା ଦେଇଚି ଭଲ ସାହାରା
କିଏ ସେ ଛିଙ୍କିଲା କିଏ କାଶିଲା
ସେଇ କଥା ଖାଲି ଚରଚା ହେଲା
ତେଣୁ ଅର୍ଥନୀତି ଚୁଲିକି ଯାଉ
ଦିନ ମଜୁରିଆ ଭୋକରେ ଶୋଉ
କରୋନା ଭୁତୁଣୀ କାହୁଁ ଅଇଲା
ମାନ ମହତକୁ ସବୁ ଖାଇଲା।

—ଟୁଟୁ

# ସାବଧାନ ! ମାତିଛନ୍ତି ଅନଲାଇନ ଠକ

**ଭୁବନେଶ୍ୱର :** କରୋନା ମୁକାବିଲା ଲାଗି ଶାସନ-ପ୍ରଶାସନ ସମସ୍ତେ ବ୍ୟସ୍ତ ରହିଥିବା ବେଳେ ସାଇବର ଠକମାନେ ଲାଗି ପଡିଛନ୍ତି। ଏହି ସମୟରେ ନାନା ଫନ୍ଦିଫିକର କରି ଏହି ଠକମାନେ ଲୋକଙ୍କୁ ଠକିବା ଆରମ୍ଭ କରି ଦେଇଛନ୍ତି। କେତେବେଳେ ଏଟିଏମ୍ ନବୀକରଣ ଆଳରେ ତ ଆଉ କେତେବେଳେ ଅନଲାଇନରେ ବିଦେଶୀ ମଦ ଯୋଗାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ଚାଲିଛନ୍ତି। ଏନେଇ କ୍ରାଇମବ୍ରାଞ୍ଚଳରେ ମଧ୍ୟ ଅଭିଯୋଗ ହୋଇଛି। ସାଇବର ଅପରାଧୀମାନେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଏଭଳି ଲୁଟି ନେଉଛନ୍ତି। ବର୍ତ୍ତମାନ କେବଳ ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡିଦେଲେ ବାକି ସମସ୍ତ ଦୋକାନ ବନ୍ଦ ଥିବାରୁ ମଦ ପାଇଁ ବିକଳ ହେଉଥିବା ଗ୍ରାହକଙ୍କୁ ଠକିବା ନିମନ୍ତେ ଠକମାନେ ଅଭିନବ ଉପାୟ ଆରମ୍ଭ କରିଛନ୍ତି। କିଭଳି ଅଧିକରୁ ଅଧିକ ମଦୁଆଙ୍କୁ ଠକି ହେବ ସେ ନେଇ ଯୋଜନା କରିଛନ୍ତି ସାଇବର ଠକ। ସୋସିଆଲ ମିଡିଆରେ ମଦ ହୋମ୍ ଡେଲିଭରୀ ବିଜ୍ଞାପନ ଦେଇ ଏମାନେ ମଦୁଆଙ୍କୁ ବୋକା ବନାଉଛନ୍ତି। ରାଜଧାନୀର ବିଭିନ୍ନ ଥାନାରେ ଏନେଇ ଅଭିଯୋଗ ପହଞ୍ଚିଛି। କେତେକ ମଦୁଆ ଠକାମିର ଶିକାର ହୋଇଥିଲା ବେଳେ ସାମ୍ନାକୁ ଆସୁନାହାନ୍ତି। ହେଲେ ଏଭଳି ଠକେଇକୁ ରୋକିବା ପାଇଁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ନଥିବାରୁ ଲକ୍‌ଡାଉନ୍ ବେଳେ ଠକଙ୍କ



କଳାକାରନାମା ଚିନ୍ତାର କାରଣ ପାଲଟିଛି। ମଦ ଦୋକାନ ବନ୍ଦ ଥିବାରୁ କିଭଳି ସହଜରେ ମଦ ମିଳିପାରିବ ସେ ନେଇ ଏହି ଠକମାନେ ସୋସିଆଲ ମିଡିଆରେ ଆକର୍ଷଣୀୟ ବିଜ୍ଞାପନ ଦେବା ସହିତ ମୋବାଇଲ ନମ୍ବର ମଧ୍ୟ

## ମଦ ନାଁରେ ଲୁଟୁଛନ୍ତି

ଦେଉଛନ୍ତି ଏବଂ ଏଥିରେ ହ୍ୱାଟ୍‌ସଆପ୍‌ରେ ମେସେଜ ପାଇଁ ମଦୁଆଙ୍କୁ କୁହାଯାଉଛି। ଯେଉଁମାନେ ମଦ ପାଇଁ ନିହାତି ବିକଳ ସେମାନେ ଏଭଳି ବିଜ୍ଞାପନ ଦେଖି ବିଶ୍ୱାସରେ ମେସେଜ୍ ମଧ୍ୟ ପଠାଉଛନ୍ତି। ମେସେଜ୍ ପାଇବା ପରେ ଠକମାନେ ନିଜର ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇ ମଦ ପାଇଁ ଅଗ୍ରୀମ ଟଙ୍କା ପଠାଇବା ପାଇଁ ସୂଚନା ଦେଉଛନ୍ତି। ଟଙ୍କା ପହଞ୍ଚିବାର ୨୪ଘଣ୍ଟା ଭିତରେ ଘରେ ମଦ ପହଞ୍ଚିବ ବୋଲି ସେମାନେ କହୁଛନ୍ତି। ହେଲେ ବାସ୍ତବରେ ମଦ କିନ୍ତୁ ପହଞ୍ଚୁନାହିଁ ମଦୁଆଙ୍କ ପାଖରେ। ଏଭଳି ଗ୍ୟାଙ୍ଗ୍‌ରେ ଉତ୍ତରପ୍ରଦେଶ ଓ ଝାରଖଣ୍ଡର ଅପରାଧୀମାନେ ସାମିଲ ଅଛନ୍ତି। ସୂଚନାଯୋଗ୍ୟ, ଦେଶରେ ଅନଲାଇନ ମଦ ବିକ୍ରି ବ୍ୟବସ୍ଥା ନାହିଁ। ଅବକାରୀ ଆଇନରେ ଏଭଳି ବ୍ୟବସ୍ଥା ନଥିବାରୁ ଠକମାନେ ଏହାର ଫାଇଦା ନେଉଛନ୍ତି। ଏଭଳି ଠକେଇ ରୋକିବାକୁ ହେଲେ ଅବକାରୀ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯିବା ସହିତ ଫେସ୍‌ବୁକ୍‌କୁ ଚିଠି ଲେଖିବାକୁ ହେବ। ନଚେତ୍ ଲକ୍‌ଡାଉନ୍ ଅବଧି ଭିତରେ ମଦ ଦୋକାନ ବନ୍ଦ ରହିଲେ ମଦୁଆମାନେ କ୍ଷତିରେ ପଡିବେ।






# କୋହଳ ହେଲା ଏନ୍‌ପିଏ ହିସାବ ନିୟମ

**ନୂଆଦିଲ୍ଲୀ :** କରୋନା ପ୍ରଭାବିତ ଭାରତୀୟ ଅର୍ଥନୀତିକୁ ସୁଧାରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସଂକ୍ରମଣ ପ୍ରଭାବରେ ବିଭିନ୍ନ କ୍ଷେତ୍ର ପ୍ରଭାବିତ ହେବା ସହିତ ସାଧାରଣ ଅର୍ଥନୀତି ବ୍ୟବସ୍ଥା ମାନ୍ଦା ହୋଇପଡ଼ିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଦ୍ୱିତୀୟ ପର୍ଯ୍ୟାୟରେ ଏହି ପଦକ୍ଷେପ ନେଇଛନ୍ତି। ବିଭିନ୍ନ ପୁଞ୍ଜିଲଗାଣକାରୀ ଉଦ୍ୟୋଗଗୁଡ଼ିକରେ ଯେଭଳି ନଗଦ ଅର୍ଥର ଅଭାବ ନହୁଏ ସେଥିପାଇଁ ରିଜର୍ଭ ବ୍ୟାଙ୍କ ଗୁରୁତ୍ୱ ଦେଇଥିବା ବେଳେ ରିଭର୍ସ ରେପୋ ହାରରେ ମଧ୍ୟ ପରିବର୍ତ୍ତନ କରିଛନ୍ତି। ଶୁକ୍ରବାର ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସାମ୍ବାଦିକମାନଙ୍କୁ ଦେଇଥିବା ସୂଚନା ଅନୁଯାୟୀ, ବ୍ୟବସାୟିକ ବ୍ୟାଙ୍କମାନେ ସେମାନଙ୍କ ବଳକା ଅର୍ଥକୁ କେନ୍ଦ୍ରୀୟ ବ୍ୟାଙ୍କ ଭାବେ ରିଜର୍ଭ ବ୍ୟାଙ୍କ ନିକଟରେ ଜମା ନକରି ଏହାକୁ ବିଭିନ୍ନ ଅଣ ବ୍ୟାଙ୍କିଙ୍ଗ ଅର୍ଥଲାଗାଣକାରୀ ସଂସ୍ଥା (ଏନ୍‌ବିଏଫ୍‌ସି) ଏବଂ



ଏମ୍‌ଏଫ୍‌ଆଇଗୁଡିକୁ ଯେଭଳି ଯୋଗାଇ ଦିଆଯାଇପାରିବ ସେଥିନେଇ ଗରୁତ୍ୱ ଦେବେ। ଏପରିକି ରିଜର୍ଭ ବ୍ୟାଙ୍କଠାରୁ ବ୍ୟାଙ୍କଗୁଡ଼ିକ ନେଉଥିବା ଋଣ 'ଟାର୍ଗେଟେଡ୍ ଲଙ୍ଗ ଟର୍ମ ରେପୋ ଅପରେସନ୍'(ଟିଏଲଟିଆରଓ)ର ଅନ୍ତତଃ ୫୦ ଭାଗ କ୍ଷୁଦ୍ର ଏବଂ ମଧ୍ୟମ ଏନ୍‌ବିଏଫସି ସଂସ୍ଥାମାନଙ୍କୁ ଯୋଗାଇ ଦେବାକୁ ନିଶ୍ଚିତ କରିବାକୁ ବ୍ୟବସାୟିକ ବ୍ୟାଙ୍କମାନଙ୍କୁ ପରାମର୍ଶ ଦିଆଯାଇଛି। ଏହିକ୍ରମରେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ରିଭର୍ସ ରେପୋ ହାରରେ ପୁଣି ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇ ଏହାକୁ ୩.୭୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି। ବ୍ୟବସାୟିକ ବ୍ୟାଙ୍କଗୁଡିକ ରିଜର୍ଭ ବ୍ୟାଙ୍କ ନିକଟରେ ଜମା ରଖୁଥିବା ସେମାନଙ୍କ ବଳକା ଅର୍ଥ ବାବଦରେ ଯେଉଁ ସୁଧ ହାସଲ କରିଥାଆନ୍ତି ତାହା ରିଭର୍ସ ରେପୋକୁ ସୂଚାଉଥିବା ବେଳେ ଗତ ମାର୍ଚ୍ଚ ୨୭ ତାରିଖରେ ଏହି ହାରରେ ୯୦ ବେସିସ୍ ପଏଣ୍ଟ ହ୍ରାସ କରିଥିଲେ। ଏହା ସତ୍ତ୍ୱେ ବ୍ୟବସାୟିକ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ବଳକା ଅର୍ଥ ରିଜର୍ଭ ବ୍ୟାଙ୍କ ନିକଟରେ ଜମା କରାଯାଇଥିଲା। କିନ୍ତୁ ସାଂପ୍ରତିକ ସ୍ଥିତିରେ ବ୍ୟାଙ୍କଗୁଡିକୁ ସେମାନଙ୍କ ଅଧିକାଂଶ ବଳକା ଅର୍ଥକୁ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ବିଦେଶ ଭ୍ରମଣ କରିପାରନ୍ତି।

**ବୃଷ** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ମିଥୁନ** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**କର୍କଟ** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ସିଂହ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**କନ୍ୟା** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**ତୁଳା** ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସୁବିଧା ଲାଗି ରହିବ।

**ବିଛା** ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।

**ଧନୁ** ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ।

**ମକର** ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କୁମ୍ଭ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦେଶର ଭ୍ରମଣର ସୁଯୋଗ ରହିଛି।

**ମୀନ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଅର୍ଥ ବ୍ୟବସ୍ଥା ଉପରେ ଲକଡାଉନ୍ ବୃଦ୍ଧିର ପ୍ରଭାବ

# ୧୭.୫୮ ଲକ୍ଷ କୋଟିର କ୍ଷତି ଆଶଙ୍କା

**ମୁମ୍ବାଇ :** ବର୍ଦ୍ଧିତ କରୋନା ସଂକ୍ରମଣ ମାମଲାଗୁଡ଼ିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲକ୍‌ଡାଉନ୍ ଅବଧିକୁ ବୃଦ୍ଧି କରିଛନ୍ତି। ଦେଶବ୍ୟାପୀ ଏହି ଅବଧିକୁ ଆସନ୍ତା ମେ’ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ମାତ୍ର କେନ୍ଦ୍ର ସରକାରଙ୍କର ଏଭଳି ନିଷ୍ପତ୍ତି କାରଣରୁ ଭାରତୀୟ ଅର୍ଥବ୍ୟବସ୍ଥା ପ୍ରତି ଭାରିମାତ୍ରାର ପ୍ରଭାବ ପଡ଼ିପାରେ। ଯାହାଦ୍ୱାରା ପ୍ରାୟ ୧୭.୫୮ ଲକ୍ଷ କୋଟି ଟଙ୍କା ବା ୨୩,୪୪୦ କୋଟି ଡଲାରର ବିତ୍ତୀୟ କ୍ଷତି ହେବ ବୋଲି ଅନୁମାନ କରାଯାଉଛି। ଏହାଦ୍ୱାରା କ୍ୟାଲେଣ୍ଡର ବର୍ଷ ୨୦୨୦ରେ ଆର୍ଥିକ ଅଭିବୃଦ୍ଧି ହାର ବିନା କୌଣସି ଉତ୍ଥାନ-ପତନରେ ସ୍ଥିର ରହିରେ ବୋଲି ବ୍ରିଟିଶ୍ ବ୍ରୋକରେଜ୍ ଫାର୍ମ ବାର୍କଲେଜ୍ ପକ୍ଷରୁ ଆକଳନ କରାଯାଇଛି। କମ୍ପାନୀ ଏକ ବିବୃତିରେ କହିଛି ଯେ, ୨୦୨୦ କ୍ୟାଲେଣ୍ଡର ବର୍ଷ ପାଇଁ ଜିଡିପି ହାର ଶୂନ ରହିବ ବୋଲି ଆକଳନ କରାଯାଇଛି। ସେହିପରି ଆର୍ଥିକବର୍ଷ ଦୃଷ୍ଟିରୁ ଦେଖିବାକୁ ଗଲେ ୨୦୨୦-୨୧ରେ ଏଥିରେ ୦.୮% ବୃଦ୍ଧି ପରିଲକ୍ଷିତ ହେବ। ପ୍ରଧାନମନ୍ତ୍ରୀ ମାର୍ଚ୍ଚ ୨୫ରୁ ଲାଗୁ ହୋଇଥିବା ଲକ୍‌ଡାଉନ୍ ଅବଧିକୁ ଆହୁରି ୩ ସପ୍ତାହ ପାଇଁ ବୃଦ୍ଧି କରିବା ନେଇ ଘୋଷଣା କରିଛନ୍ତି। ଯାହା ବର୍ତ୍ତମାନ ମେ’ ୩ ତାରିଖ ପର୍ଯ୍ୟନ୍ତ ଲାଗୁ ହେବ। କରୋନା ସଂକ୍ରମଣର ପ୍ରସାରକୁ ରୋକିବା ଦିଗରେ ଲକ୍‌ଡାଉନ୍‌ର ସମୟସୀମାକୁ ବଢ଼ାଯିବା ଜରୁରୀ ବୋଲି ମୋଦି କହିଛନ୍ତି। ଏହାସହିତ ସଂକ୍ରମଣରୁ ସେତେଟା ପ୍ରଭାବିତ ହୋଇନଥିବା ଅଞ୍ଚଳଗୁଡ଼ିକୁ



ଏପ୍ରିଲ୍ ୨୦ରୁ କେତେକାଂଶରେ ଆଶ୍ୱସ୍ତି ଦେବା ନେଇ ମଧ ସେ ସଂକେତ ଦେଇଛନ୍ତି। ମାତ୍ର କେତେକ ନିୟମାବଳୀ ସହିତ ଏହି ଆଶ୍ୱସ୍ତି ଦିଆଯିବ। ନିୟମଗୁଡ଼ିକର ପାଳନ ନହେବା କିମ୍ବା କରୋନା ସଂକ୍ରମଣ ମାମଲା ପୁନଶ୍ଚ ନଜରକୁ ଆସିଲେ ଏହି ଆଶ୍ୱସ୍ତିକୁ ଫେରସ୍ତ ନିଆଯିବ ବୋଲି ମଧ ସେ କହିଛନ୍ତି। ଏହା ପୂର୍ବରୁ ବ୍ରୋକରେଜ୍ ଫାର୍ମ ପକ୍ଷରୁ କୁହାଯାଇଥିଲା ଯେ ୩ ସପ୍ତାହର ଏହି ଲକ୍‌ଡାଉନ୍ ଅବଧିରେ ମୋଟ ୧୨,୦୦୦ କୋଟି ଡଲାରର ବିତ୍ତୀୟ କ୍ଷତି ହେବା ନେଇ ଅନୁମାନ କରାଯାଉଛି। ମାତ୍ର ବର୍ତ୍ତମାନ ଏହି ଅନୁମାନକୁ ବଢ଼ାଯାଇ ୨୩,୪୪୦ କୋଟି ଡଲାର କରାଯାଇଛି। ସେହିପରି ଏହା ପୂର୍ବରୁ ଆଶଙ୍କା କରାଯାଉଥିଲା ଯେ ୨୦୨୦ କ୍ୟାଲେଣ୍ଡର ବର୍ଷରେ ଭାରତ ୨.୫% ଅଭିବୃଦ୍ଧି ଉଲ୍ଲେଖ କରିବ, ମାତ୍ର ବର୍ତ୍ତମାନ ଏହି ଅନୁମାନକୁ ହ୍ରାସ କରାଯାଇ ଶୂନ କରାଯାଇଛି। ଅପରପକ୍ଷେ ୨୦୨୦-୨୧ ଆର୍ଥିକବର୍ଷରେ ପୂର୍ବରୁ ୩.୫% ଅଭିବୃଦ୍ଧି ହେବ ବୋଲି ଅନୁମାନ କରାଯାଇଥିଲା, ଯାହାକୁ ବର୍ତ୍ତମାନ ୦.୮% ପର୍ଯ୍ୟନ୍ତ ହ୍ରାସ କରାଯାଇଛି। ତେବେ ମେ’ ୩ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରବ୍ୟାପୀ ପୂର୍ଣ୍ଣ ଲକ୍‌ଡାଉନ୍‌ର ଏହି ନିଷ୍ପତ୍ତି କାରଣରୁ ଅର୍ଥବ୍ୟବସ୍ଥା ଉପରେ ପୂର୍ବର ସମସ୍ତ ଅନୁମାନରୁ ଅଧିକ ପ୍ରଭାବ ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ଖଣି, କୃଷି, ବିନିର୍ମାଣ ଏବଂ ଉପଯୋଗିତା କ୍ଷେତ୍ରରେ ଅନୁମାନରୁ ଅଧିକ ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିବ ବୋଲି ଉକ୍ତ ବିବୃତିରେ କୁହାଯାଇଛି।

## ଛାତ୍ରଛାତ୍ରୀଙ୍କୁ ଫି’ ଡିପୋଜିଟ୍ କରିବାକୁ ବାଧ କରିପାରିବେନି କଲେଜ : ଏଚ୍‌ଆରଡି



**ନୂଆଦିଲ୍ଲୀ :** ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସି, ଆର୍କିଟେକଚର ଡିପ୍ଲୋମା ଏବଂ ଡିଗ୍ରୀ କଲେଜ ଗୁଡ଼ିକ ଲକଡାଉନ୍ ବେଳେ କୋର୍ସ ଫି’ ପାଇଁ ଛାତ୍ରଛାତ୍ରୀଙ୍କୁ ବାଧ କରିପାରିବେନି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏଚ୍‌ଆରଡି)ର ନିର୍ଦ୍ଦେଶକ୍ରମେ ଅଲ୍ ଇଣ୍ଡିଆ କାଉନସିଲ୍ ଫର ଟେକ୍ନିକାଲ ଏଜୁକେସନ (ଏଆଇସିଟିଇ) ସମସ୍ତ ଡିଗ୍ରୀ ଏବଂ ଡିପ୍ଲୋମା କଲେଜକୁ ଏହି ନିର୍ଦ୍ଦେଶ ଦେଇଛି। ଏଥିସହ କଲେଜରେ ନିୟୋଜିତ ଥିବା ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ଦରମା ନକାଟିବା ସହିତ ଛଟେଇ ନକରିବାକୁ ଏଆଇସିଟିଇ ନିର୍ଦ୍ଦେଶ ଦେଇଛି। ଲକଡାଉନ୍ ବେଳେ ଏଆଇସିଟିଇକୁ ନେଇ ଅନେକ ଗୁଜବ ଖବର ପ୍ରଚାର କରାଯାଉଛି। ସେ ସବୁକୁ ବିଶ୍ୱାସ ନକରିବାକୁ ଏଆଇସିଟିଇ ସଚିବ ପ୍ରଫେସର ରାଜୀବ କୁମାର କହିଛନ୍ତି। ତେବେ ପୂର୍ବଭଳି ପ୍ରଧାନମନ୍ତ୍ରୀ ସ୍ପେଶାଲ ସ୍କଲାରସିପ୍ ଯୋଜନା ଚାଲୁ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଯେଉଁମାନେ ଲକଡାଉନ୍ ପାଇଁ ଇନଟର୍ଣ୍ଣ କରିପାରି ନାହାନ୍ତି ସେମାନେ ଅନଲାଇନ୍ ଜରିଆରେ ଇନଟର୍ଣ୍ଣ କରିପାରିବେ ବୋଲି ରାଜୀବ କୁମାର କହିଛନ୍ତି।

## ୩ ପର୍ଯ୍ୟନ୍ତ ସମସ୍ତ ପାସେଞ୍ଜର ଟ୍ରେନ୍ ବାତିଲ

**ନୂଆଦିଲ୍ଲୀ :** କୋଭିଡ୍-୧୯କୁ ରୋକିବା ପାଇଁ ଦେଶବ୍ୟାପୀ ଜାରି ହୋଇଥିବା ଲକ୍‌ଡାଉନକୁ ଆସନ୍ତା ମଇମାସ ୩ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଫଳରେ ୩ ସପ୍ତାହ ଧରି ଲାଗୁ ହୋଇଥିବା ଏହି ତାଲା ବନ୍ଦ ବ୍ୟବସ୍ଥା ଆଉ ୨୦ଦିନ ବଢ଼ିଛି। ସରକାରଙ୍କ ଏହି ନିଷ୍ପତିକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ତାହାର ସମସ୍ତ ପାସେଞ୍ଜର ଟ୍ରେନ୍ ସେବାକୁ ମଇ ୩ତାରିଖ ପର୍ଯ୍ୟନ୍ତ ବାତିଲ କରିଛି। ଏଥିରେ ପ୍ରିମିୟମ ଟ୍ରେନ୍, ମେଲ୍ / ଏକ୍ସପ୍ରେସ୍, ସବ୍‌ଅର୍ବାନ୍, କୋଲକାତା ମେଟ୍ରୋ ଓ କୋଙ୍କଣ ରେଳବାଇ ସେବା ଅନ୍ତର୍ଭୁକ୍ତ। ସବୁ ଟିକେଟ୍ କାଉଂଟର ଏବଂ ୟୁଟିଏସ୍ ଏବଂ ପିଆର୍‌ଏସ୍‌କୁ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ



ରଖାଯାଇଛି। ଏହି ସମୟ ମଧ୍ୟରେ ରେଳ ଯାତ୍ରା ପାଇଁ ଅଗ୍ରୀମ ଟିକେଟ କିମ୍ବା ଇ-ଟିକେଟ୍ ହୋଇପାରିବ ନାହିଁ। ଯେଉଁମାନେ ଚାହିଁବେ ସେମାନେ ଏହି ସମୟରେ ଅନ୍‌ଲାଇନ୍ ଟିକେଟ ବାତିଲ କରିପାରିବେ। ଯାତ୍ରା ପାଇଁ ପୂର୍ବରୁ ହୋଇଥିବା ସଂରକ୍ଷିତ ଟିକେଟକୁ ବାତିଲ କଲେ ସମସ୍ତ ଖର୍ଚ୍ଚ ଫେରସ୍ତ ମିଳିବ। ଆହୁରି ମଧ୍ୟ ଏ ପର୍ଯ୍ୟନ୍ତ ବାତିଲ ଘୋଷିତ ହୋଇନଥିବା କୌଣସି ଟ୍ରେନ୍ ପାଇଁ ଯଦି କେହି ଅଗ୍ରୀମ ଟିକେଟ ବୁକିଂ କରିଥାନ୍ତି, ସେମାନେ ଚାହିଁଲେ ତାହାକୁ ବାତିଲ କରିପାରିବେ ଓ ସେଥିପାଇଁ ସଂପୂର୍ଣ୍ଣ ଅର୍ଥ ଫେରସ୍ତ କରାଯିବ। ଏବେ ଯେଉଁ ୨୦ଦିନ ପାଇଁ ରେଳଯାତ୍ରୀ ସେବା ବାତିଲ ହେଲା, ଏହି ସମୟ ମଧ୍ୟରେ ଯାତ୍ରା ପାଇଁ ଯେଉଁମାନେ ଅଗ୍ରୀମ ଟିକେଟ କରିଥିଲେ ସେମାନଙ୍କୁ ଅନ୍‌ଲାଇନ୍ ବ୍ୟବସ୍ଥାରେ ରେଳବାଇ ସ୍ୱୟଂକ୍ରିୟ ବ୍ୟବସ୍ଥାରେ ଅର୍ଥ ଫେରାଇ ଦେବେ। ଯେଉଁମାନେ କାଉଂଟରରୁ ଅଗ୍ରୀମ ଟିକେଟ୍ କିଣିଛନ୍ତି, ସେମାନେ ଆସନ୍ତ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଭଡ଼ା ବାବଦ ଅର୍ଥ ଫେରି ପାଇବେ।

# ୨.୧୭ କୋଟି ନିର୍ମାଣ ଶ୍ରମିକଙ୍କୁ ସହାୟତା

**ନୂଆଦିଲ୍ଲୀ,(ପିଆଇବି) :** କରୋନା ମହାମାରୀ (କୋଭିଡ-୧୯) ସଂକ୍ରମଣ କାରଣରୁ ବର୍ତମାନ ଦେଶବ୍ୟାପୀ ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ ଜାରି ରହିଛି। ଏଭଳି ସ୍ଥିତିରେ ବିଭିନ୍ନ ପ୍ରକାରର ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯିବା କାରଣରୁ ନିର୍ମାଣ ଶ୍ରମିକଙ୍କ ରୋଜଗାରର ବାଟ ବନ୍ଦ ହୋଇଯାଇଛି। ତେବେ ଏହି ମାନ୍ଦାବସ୍ଥା ସମୟରେ ସେମାନଙ୍କ ଜୀବନ ଧାରଣକୁ ସହଜ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କୁ ୧୫୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହାଦ୍ୱାରା ବହୁସଂଖ୍ୟକ ନିର୍ମାଣ ଶ୍ରମିକ ଉପକୃତ ହୋଇଛନ୍ତି। ତଥ୍ୟ ଅନୁଯାୟୀ, ଏପ୍ରିଲ ୧୩ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ଆଇନ ଅନୁଯାୟୀ ଗଠନ କରାଯାଇଥିବା ତଥା ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ୨.୧୭ କୋଟି ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇସାରିଲାଣି। ଏହି ଯୋଜନା ଅଧୀନରେ ୩.୦୭ କୋଟି ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇସାରିଛି। ଏହି ଆର୍ଥିକ ସହାୟତା ପାଇଁ ବହୁସଂଖ୍ୟକ ନିର୍ମାଣ ଶ୍ରମିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିକଟରେ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ପଂଚାୟତ ବନ୍ଧୁଗୁଡ଼ା ଗ୍ରାମରେ ବଣ୍ଡା ଜନଜାତିର ନିର୍ମାଣ ଶ୍ରମିକମାନଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ୧୫ ଶହ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଂପୃକ୍ତ ଗ୍ରାମର ଯାତ୍ରୀ ବିଶ୍ରାମାଗାରରେ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା । ଏଥିପାଇଁ ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିବା ବେଳେ ହିତାଧିକାରୀମାନେ ୧ ମିଟର ଦୂରତାରେ ଠିଆ ହୋଇ ଏହି ଅର୍ଥ ଗ୍ରହଣ କରିଥିଲେ। ଏଥିପାଇଁ ମୁଦୁଲିପଡ଼ା ପଂଚାୟତ ପକ୍ଷରୁ ହାତ ଧୋଇବା ସହ ସାନିଟାଇଜର ଯୋଗାଇ ଦିଆଯାଇଥିଲା। ବନ୍ଧୁଗୁଡ଼ା ଗ୍ରାମର ଲଚ୍ଛିମ ମୁଦୁଲି ପଂଚାୟତ ଅଧିକାରୀମାନଙ୍କ ଠାରୁ ୧୫ଶହ ଟଙ୍କା ଆର୍ଥିକ ସହାୟତା ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଆମକୁ ତିନି ମାସ ପାଇଁ ଖାଦ୍ୟଶସ୍ୟ ଏବଂ ଆର୍ଥିକ ସହାୟତା ମିଳିଛି। ସେହିପରି ବିପିଏଲ କାର୍ଡ ଥିବାରୁ ଆହୁରି ୧ହଜାର ଟଙ୍କାର ସହାୟତା ମଧ ମିଳିଛି। ସେଥିପାଇଁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ସୂଚନା ଯୋଗ୍ୟ ଯେ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଲାଗି ଦେଶରେ ଜାରି ଲକଡାଉନ ସମୟରେ ଗରିବ ଲୋକଙ୍କୁ ସହାୟତା ନିମନ୍ତେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଗତ ୨୬ ମାର୍ଚ୍ଚ, ୨୦୨୦ରେ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ୧.୦୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଆଇନ ଜରିଆରେ ଗଠନ କରାଯାଇଥିବା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିର ଉପଯୋଗ କରି ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ବିଭିନ୍ନ ରାଜ୍ୟ ଇତିମଧ୍ୟରେ କାର୍ଯ୍ୟକାରୀ କରିଛନ୍ତି। ଫଳରେ ବହୁସଂଖ୍ୟକ ନିର୍ମାଣ ଶ୍ରମିକ ଆର୍ଥିକ ସହାୟତା ପାଇବାକୁ ସକ୍ଷମ ହୋଇଛନ୍ତି।

## ଦେଶର ୧୯.୮୬କୋଟି ମହିଳା ଜନଧନ ହିତାଧିକାରୀଙ୍କୁ ୯୯୩୦କୋଟି ଟଙ୍କା ପ୍ରଦାନ

**ନୂଆଦିଲ୍ଲୀ :** ମହାମାରୀ କରୋନାର ମୁକାବିଲା ପାଇଁ ଚାଲିଛି ଲକ୍ ଡାଉନ୍। ଗରିବ ନିରାଶ୍ରୟ ଶ୍ରମଜୀବୀମାନଙ୍କ ଜୀବିକା ପାଇଁ ସୁଯୋଗ ନାହିଁ। ମହିଳାମାନଙ୍କ ଉପରେ ପରିବାର ପ୍ରତିପୋଷଣର ମୁଖ୍ୟ ଦାୟିତ୍ୱ ଥିବା ବେଳେ ଏହି ଦୁର୍ଦ୍ଦିନରେ ସହାୟତାର ହାତ ବଢ଼ାଇଛନ୍ତି କେନ୍ଦ୍ର ସରକାର। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଜନଧନ ଯୋଜନାର ମହିଳା ହିତାଧିକାରୀଙ୍କୁ ଏଥିପାଇଁ ପ୍ରଦାନ କରାଯାଇଛି ୫୦୦ ଟଙ୍କାର ଆର୍ଥିକ ସହାୟତା। ଏପ୍ରିଲ ମାସ ପାଇଁ ୫୦୦ ଟଙ୍କା ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି। ସାରା ଦେଶରେ ଏପରି ୧୯.୮୬ କୋଟି ମହିଳା ଜନଧନ ହିତାଧିକାରୀଙ୍କୁ ୯୯୩୦କୋଟି ଟଙ୍କା ଦିଆଯାଇଛି। ଓଡ଼ିଶାରେ ବାଲେଶ୍ୱର, ବ୍ରହ୍ମପୁର ଓ ନବରଙ୍ଗପୁର ଜିଲ୍ଲାର ଅନେକ ମହିଳା ହିତାଧିକାରୀଙ୍କୁ ଏହି ସହାୟତା ରାଶି ମିଳିଛି। ବାଲେଶ୍ୱର ଜିଲ୍ଲାର ଶ୍ରୀକୋଣା ଗ୍ରାମର ଲୁଡି ମୁର୍ମୁ ନିଜ ବ୍ୟାଙ୍କ ଖାତାରେ ୫୦୦ ଟଙ୍କା ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁରର ଗରିବ ମହିଳା ମୁକ୍ତା ଜାନି ଲକ୍‌ଡାଉନ ସମୟରେ କାମଧନ୍ଦା ବନ୍ଦ ଥିବାବେଳେ ଏହି ସହାୟତା ରାଶି ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏବେ ବ୍ୟାଙ୍କରେ ମହିଳାମାନେ ନିଜ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ପାସ୍‌ବୁକରୁ ଟଙ୍କା ଉଠାଉଛନ୍ତି। ଲକ୍ ଡାଉନ୍ ସମୟରେ ବ୍ୟାଙ୍କରେ ଗହଳିକୁ ଦୃଷ୍ଟିରେ ରଖି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ବ୍ୟାଙ୍କରେ ହାତ ଧୋଇବା ପାଇଁ ବ୍ୟବସ୍ଥା ସହ ସାନିଟାଇଜର ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଛି। ସମସ୍ତେ ମାସ୍କ କିମ୍ବା ଗାମୁଛା ବା ସଫା କପଡ଼ା ମୁହଁରେ ଘୋଡ଼ାଇ ଆସୁଥିବା ଦେଖିବାକୁ ମିଳିଛି। ସେହିପରି ସାମାଜିକ ଦୂରତ୍ୱ ରକ୍ଷା ଯେପରି ପାଳନ ହୋଇପାରିବ, ସେଥିପ୍ରତି ଗୁରୁତ୍ୱାରୋପ କରାଯାଉଛି। ବ୍ୟାଙ୍କର ସୁରକ୍ଷା କର୍ମଚାରୀ ଓ ପୋଲିସ୍ ଉପସ୍ଥିତ ରହି ସାମାଜିକ ଦୂରତ୍ୱ ପାଳନ ପାଇଁ ଲୋକଙ୍କୁ ବୁଝାଉଛନ୍ତି। ଜିଲ୍ଲାର ସମସ୍ତ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କରେ ମହିଳାମାନେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ପାସ୍‌ବୁକ୍‌ରୁ ଟଙ୍କା ଉଠାଉଥିବା ଦେଖିବାକୁ ମିଳିଛି।

# ମାଗଣା ଗ୍ୟାସ ସିଲିଣ୍ଡର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଉଜ୍ଜ୍ୱଳା ହିତାଧିକାରୀ

**ନୂଆଦିଲ୍ଲୀ :** କୋଭିଡ-୧୯ ମହାମାରୀ କାରଣରୁ ଦେଖାଦେଇଥିବା ସାମାଜିକ-ଅର୍ଥନୈତିକ ଚାପର ମୁକାବିଲା କରିବା ନିମନ୍ତେ ଆସନ୍ତା ୩ ମାସ ପାଇଁ ଉଜ୍ଜ୍ୱଳା ଯୋଜନା ଅଧୀନରେ ମାଗଣାରେ ଗ୍ୟାସ ସିଲିଣ୍ଡର ଦେବାକୁ ଭାରତ ସରକାର ଘୋଷଣା କରିଛନ୍ତି। ଏପ୍ରିଲ ପହିଲାରୁ ଜୁନ ୩୦, ୨୦୨୦ ପର୍ଯ୍ୟନ୍ତ ଏହି ସୁବିଧା ମିଳିବ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଏହି ସୁବିଧା ଯୋଗାଇ ଦିଆଯିବ। ୮ କୋଟି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନେ ମାଗଣାରେ ଘରୋଇ ଏଲପିଜି ସିଲିଣ୍ଡର ପାଇବେ। ଏହି ନିଷ୍ପତି ମଧ ନିଆଯାଇଛି ଯେ ଏପ୍ରିଲ ମାସର ସିଲିଣ୍ଡର ଭରିବା ଲାଗି ସମ୍ପୂର୍ଣ୍ଣ ଖୁଚୁରା ବିକ୍ରୟ ମୂଲ୍ୟ ବାବଦ ଅର୍ଥ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଅଗ୍ରୀମ ଜମା ଆକାରରେ ହସ୍ତାନ୍ତର କରାଯିବ। ଏହି ଅର୍ଥକୁ ସେମାନେ କେବଳ ସିଲିଣ୍ଡର କ୍ରୟ ପାଇଁ ବିନିଯୋଗ କରିବେ। ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ମାସିକ ଗୋଟିଏ ସିଲିଣ୍ଡର ଯୋଗାଇ ଦିଆଯିବ। ଗୋଟିଏ ରିଫିଲ ପାଇବାର ୧୫ ଦିନ ପରେ ଆଉ ଏକ ସିଲିଣ୍ଡର ପାଇବା ଲାଗି ହିତାଧିକାରୀମାନେ ବୁକିଂ କରିପାରିବେ। ଆଇଭିଆରଏସ କିମ୍ବା ପଞ୍ଜିକୃତ ମୋବାଇଲ ନମ୍ବରରେ ରିଫିଲ ବୁକିଂ କରାଯାଇପାରିବ। ଓଟିପି ଆଧାରିତ/ଲାଟ-ଲଙ୍ଗ କ୍ୟାପଚର/ଅଣ୍ଡରଟେକିଂ ଜରିଆରେ, ଏହାଛଡ଼ା କ୍ୟାଶମେମୋ ସ୍ୱାକ୍ଷର ଏବଂ ଗ୍ୟାସ ଖାତାରେ ଉଲ୍ଲେଖ କରାଯାଇ ରିଫିଲ ସମ୍ପର୍କରେ ସୁନିଶ୍ଚିତ କରାଯିବ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସିଲିଣ୍ଡର ରିଫିଲ କରାଯିବାକୁ ଘୋଷଣା କରାଯିବା ପରଠାରୁ ବର୍ତମାନସୁଦ୍ଧା ତୈଳ ବିପଣନ କମ୍ପାନୀଗୁଡ଼ିକ ୭.୨୩ କୋଟି ଉପଭୋକ୍ତାମାନଙ୍କ ଆକାଉଣ୍ଟକୁ ପାଖାପାଖି ୫୬୬୩ କୋଟି ଟଙ୍କା ହସ୍ତାନ୍ତର କରିସାରିଲେଣି। ସେହିପରି ୧.୩୨ କୋଟି ମାଗଣା ଏଲପିଜି ରିଫିଲ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଇସାରିଛି। ସେହିପରି ଓଡ଼ିଶାରେ ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରଥମ ରିଫିଲ ବୁକିଂ ବାବଦକୁ ଉପଭୋକ୍ତାଙ୍କ ଆକାଉଂଟକୁ ୩୪୧ କୋଟି ଟଙ୍କା ଅଗ୍ରୀମ ହସ୍ତାନ୍ତର କରିସାରିଲେଣି। ୧୪ ଏପ୍ରିଲ ସୁଦ୍ଧା ଓଡ଼ିଶାରେ ଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ୫.୮୮ ଲକ୍ଷ ଏଲପିଜି ରିଫିଲ ଯୋଗାଇ ଦିଆଯାଇସାରିଛି। ତୈଳ ବିପଣନ କମ୍ପାନୀଗୁଡ଼ିକର ପଦକ୍ଷେପକୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଏକ ଟ୍ୱିଟ ଜରିଆରେ ସେ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିଃ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିଃ ପକ୍ଷରୁ ନିଆଯାଇଥିବା ମାନବୀୟ ନିର୍ଣ୍ଣୟକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, “ଏହି କଠିନ ପରିସ୍ଥିତିରେ ଆମ କର୍ମକର୍ତାମାନେ ଯେଉଁ ନିରନ୍ତର ସେବା ଯୋଗାଇ ଦେଉଛନ୍ତି ତା’କୁ ସମ୍ମାନ ଜଣାଇବା ଲାଗି ଏହି ଶୁଭକାମନା ଉଦ୍ଦିଷ୍ଟ। ଆମ କର୍ମଚାରୀମାନଙ୍କର ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା; ଏହି ସହାନୁଭୂତିଶୀଳ ପଦକ୍ଷେପ ଦେଶର କରୋନା ମୁକାବିଲାରେ ସହାୟକ ହେଉଥିବା ଆମ ଶ୍ରମଶକ୍ତିର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ।” କରୋନା ମହାମାରୀର ଏହି ସଙ୍କଟପୂର୍ଣ୍ଣ ସମୟରେ ସହର ଓ ଗ୍ରାମାଞ୍ଚଳର ବହୁ ମହିଳା ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ମାଗଣାରେ ଗ୍ୟାସ ସିଲିଣ୍ଡର ପାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଦାହରଣ ସ୍ୱରୂପ, ବାଲେଶ୍ୱର ପାତ୍ରପଡ଼ା ଗ୍ରାମର ଉଜ୍ଜ୍ୱଳା ହିତାଧିକାରୀ ଅମିତା ଦାସ ଏହି ସୁବିଧା ପାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଉ ଜଣେ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଅଞ୍ଚଳର ଭାନୁମତି ସାହୁ କହିଛନ୍ତି, ଲକଡାଉନ ସମୟରେ ଆମେ ବାହାରକୁ ଯାଇପାରୁନାହୁଁ। ଏଭଳି ଏକ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମକୁ ମାଗଣାରେ ଗ୍ୟାସ ସିଲିଣ୍ଡର, ବ୍ୟାଙ୍କ ଖାତାକୁ ଅର୍ଥ ହସ୍ତାନ୍ତର ଓ ଖାଦ୍ୟଶସ୍ୟ ଯୋଗାଇ ଦେଇଛନ୍ତି। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଶେଷ ଧନ୍ୟବାଦ। ସେହିପରି ବ୍ରହ୍ମପୁରର ହିତାଧିକାରୀ ବନୀତା ପଣ୍ଡା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସିଲିଣ୍ଡର ରିଫିଲ ବୁକିଂ କରିବା ପରେ ବ୍ୟାଙ୍କ ଆକାଉଂଟ ଜରିଆରେ ୭୯୬ ଟଙ୍କା ପାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଭୁବନେଶ୍ୱରର ଆରତୀ ମଙ୍ଗରାଜ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସିଲିଣ୍ଡର ପାଇବା ଲାଗି ୭୭୪ ଟଙ୍କା ପାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି। ରାଷ୍ଟ୍ରହିତ ଉଦ୍ଦେଶ୍ୟରେ ତଥା ଯେକୌଣସି ବିପର୍ଯ୍ୟୟ ସମୟରେ ଦେଶର ତୈଳ ଉଦ୍ୟୋଗ ସବୁବେଳେ ଦେଶବାସୀଙ୍କ ସୁରକ୍ଷା ଲାଗି ଆଗେଇ ଆସିଛି। କୋଭିଡ-୧୯ ମହାମାରୀ ଦେଶବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ଏହି ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଲାଗି ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଗତ ମାର୍ଚ୍ଚ ୨୪ ତାରିଖରୁ ସାରା ଦେଶରେ ସୁରକ୍ଷା କାରଣରୁ ଲକଡାଉନ ଘୋଷଣା କରାଯାଇଛି। କୋଭିଡ-୧୯ ମହାମାରୀ ମୁକାବିଲା କ୍ଷେତ୍ରରେ ଦେଶର ଇନ୍ଧନ ଯୋଗାଣକାରୀ ଭାବେ ତୈଳ ଉଦ୍ୟୋଗଗୁଡ଼ିକ ପ୍ରମୁଖ ତଥା ସକ୍ରିୟ ଭୂମିକା ଗ୍ରହଣ କରିଆସୁଛନ୍ତି। ତୈଳ ଏବଂ ଗ୍ୟାସ ମନ୍ତ୍ରଣାଳୟ ସମେତ ତୈଳ ଉଦ୍ୟୋଗର ବରିଷ୍ଠ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିତରଣ ଶୃଙ୍ଖଳର ଅନ୍ତିମ ସ୍ଥାନରେ ଥିବା ଡେଲିଭରୀ କର୍ମଚାରୀ, ପମ୍ପ କର୍ମଚାରୀମାନେ ଦିନରାତି କଠିନ ପରିଶ୍ରମ କରୁଛନ୍ତି। ସେମାନେ ସାମାଜିକ ଦୂରତା, ଉପଯୁକ୍ତ ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ନିରାପତା ନିୟମକୁ ସୁଚାରୁ ରୂପେ ପାଳନ କରି ଉପଭୋକ୍ତାଙ୍କ ନିକଟରେ ସବୁ ସମୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଆଦି ଯୋଗାଇ ଦେଉଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଅଧୀନ ତୈଳ ବିପଣନ କମ୍ପାନୀଗୁଡ଼ିକ ଯୁଦ୍ଧକାଳିନ ଭିତିରେ ଏହି କାର୍ଯ୍ୟ କରୁଥିବାରୁ ହିତାଧିକାରୀ, ଜନସାଧାରଣ, ଗଣମାଧ୍ୟମ ଏବଂ ଅନ୍ୟ ଅଂଶୀଦାରମାନେ ଏହାକୁ ପ୍ରଶଂସା କରିଛନ୍ତି। ତୈଳ କମ୍ପାନୀଗୁଡ଼ିକ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହିତ ଉପଭୋକ୍ତାଙ୍କୁ ଘର ପାଖରେ ଏଲପିଜି ସିଲିଣ୍ଡର ଯଥା ସମୟରେ ଯୋଗାଇ ଦେବା ନିମନ୍ତେ ବଟଲିଂ କ୍ଷମତା ଏବଂ ବିତରଣ ଭିତିଭୂମି ବୃଦ୍ଧି କରିଦେଇଛନ୍ତି।

# ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପିପିଇ ମହଜୁଦ

**ଭୁବନେଶ୍ୱର :** କରୋନା ମୁକାବିଲା ଲାଗି ଅଧିକରୁ ଅଧିକ ସଂଖ୍ୟାରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏଏନ୍ଏମ୍, ନର୍ସ ଓ ଡାକ୍ତରଙ୍କୁ ତାଲିମ ପ୍ରଦାନ କରାଯିବ। ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ ୫୩ ହଜାର ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିବା ବେଳେ ଗୋଷ୍ଠୀସ୍ତରରେ କିଭଳି ଅଧିକ ତାଲିମ ଦିଆଯିବ ତାହା ଉପରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀସ୍ତରୀୟ ବୈଠକରେ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି ରାଜ୍ୟ ପଞ୍ଚାୟତିରାଜ, ପାନୀୟଜଳ, ଗୃହ ଓ ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା। ସେହିଭଳି ରାଜ୍ୟରେ ଆଗାମୀ ଦିନରେ ୨ରୁ ୩ ହଜାର ସ୍ୱାବ ନମୁନା ପରୀକ୍ଷା ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ହୋଇଛି। ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଉଚ୍ଚ କ୍ଷମତାସମ୍ପନ୍ନ ମନ୍ତ୍ରୀସ୍ତରୀୟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ କ୍ଷେତ୍ରସ୍ତରରେ ଅଧିକରୁ ଅଧିକ କର୍ମୀଙ୍କୁ ତାଲିମ ପ୍ରଦାନ କରାଗଲେ ପରବର୍ତ୍ତୀ ସମୟରେ କରୋନା ମୁକାବିଲାରେ ସେମାନଙ୍କୁ ବ୍ୟବହାର କରାଯାଇ ପାରିବ। ଏଥି ସହିତ ସମସ୍ତ ମେଡିକାଲ କଲେଜରେ କରୋନା ପରୀକ୍ଷା ପାଇଁ ପରୀକ୍ଷାଗାର ସ୍ଥାପନ ନେଇ ବୈଠକରେ ଆଲୋଚନା ହୋଇଛି। କରୋନା ପରୀକ୍ଷା ଲାଗି ଆବଶ୍ୟକ ପଡୁଥିବା ରାପିଡ ଟେଷ୍ଟ କିଟ୍ ଓ ଆଜିଥ୍ରୋମାଇସିନ ଭଳି ଔଷଧ ଖରିଦ କରିବା ଲାଗି ଆସିଥିବା ପ୍ରସ୍ତାବକୁ ବୈଠକରେ ଅନୁମୋଦନ କରାଯାଇଛି। ସେହିଭଳି ପ୍ରତିଷ୍ଠା ହେବାକୁ ଥିବା କରୋନା ପରୀକ୍ଷାଗାରଗୁଡ଼ିକରେ ଆବଶ୍ୟକ ମାନବ ସମ୍ବଳ ଚୁକ୍ତିଭିତ୍ତିରେ ମୁତୟନ ଉପରେ ମଧ୍ୟ ଆଲୋଚନା ହୋଇଛି। ଆବଶ୍ୟକ ଥିବା ବ୍ୟକ୍ତିଗତ ସୁରକ୍ଷା କିଟ୍ (ପିପିଇ) ସଂକ୍ରାନ୍ତରେ ଶ୍ରୀ ଜେନା କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପିପିଇ ମହଜୁଦ ରହିଛି। ଏହାର କୌଣସି ଅଭାବ ନାହିଁ। ଯଦି ଅଧିକ ଆବଶ୍ୟକ ହୁଏ ତେବେ ରାଜ୍ୟ ସରକାର ତୁରନ୍ତ ଯୋଗାଇଦେବେ। ମନ୍ତ୍ରୀ କହିଛନ୍ତି ଯେ ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ କଥା ବୁଝିବାପାଇଁ ମୁଖ୍ୟମନ୍ତ୍ରୀ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ପ୍ରତ୍ୟେକ ଜିଲ୍ଲାପାଇଁ ଜଣେ ଜଣେ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ଯେଉଁସବୁ ରାଜ୍ୟରେ ଓଡ଼ିଆ ଶ୍ରମିକମାନେ ଅଟକି ରହିଛନ୍ତି ସେଠାକାର ପ୍ରଶାସନ ସହିତ କଥାହୋଇ ସମସ୍ତ ପ୍ରକାର ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି। ସେହିପରି ବୈଠକ ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କହିଛନ୍ତି ଯେ ରାଜ୍ୟରେ ଅଧିକ ସଂଖ୍ୟକ କୋଭିଡ୍-୧୯ ନମୁନା ପରୀକ୍ଷା ସଂଖ୍ୟା ବୃଦ୍ଧି କରିବାକୁ ପଡ଼ିବ ଫଳରେ କରୋନା ସଂକ୍ରମଣ ରୋକା ଯାଇପାରିବ। ଏଥିପାଇଁ ଆବଶ୍ୟକ ସଂଖ୍ୟକ ପରୀକ୍ଷଣ କିଟ୍ ତୁରନ୍ତ ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ସହିତ ସଙ୍ଗରୋଧରେ ରହୁଥିବା ବ୍ୟକ୍ତି ଏବଂ ସେମାନଙ୍କର ଚଳପ୍ରଚଳ ସମ୍ପର୍କରେ କୋଭିଡ୍-୧୯ ନିରୀକ୍ଷଣ ଟିମ୍ ନିରନ୍ତର ନଜର ରଖିବା ଓ ରୋକ୍ ଲଗାଇବା ଦରକାର। ବୁର୍ଲାସ୍ଥିତ ଭିମ୍ସାର ପାଇଁ ଗୋଟିଏ କୋଭିଡ୍ ପରୀକ୍ଷଣ ମେସିନ୍ ଯୋଗାଇ ଦିଆଯାଇଥିବାବେଳେ ଅଞ୍ଚଳର ଜନସଂଖ୍ୟାକୁ ଦୃଷ୍ଟିରେ ଅଧିକ ଦୁଇଟି ମେସିନ୍ ଯୋଗାଇ ଦେବା ପାଇଁ ମନ୍ତ୍ରୀ ଶ୍ରୀ ଦାସ ପ୍ରସ୍ତାବ ରଖିଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍, ଭୁବନେଶ୍ୱରର ସମ୍ ହସ୍ପିଟାଲ୍, କିମ୍ସ ହସ୍ପିଟାଲ୍, ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ଠାରେ ମଧ୍ୟ କରୋନା ଭୂତାଣୁ ପରୀକ୍ଷଣ ସୁବିଧା ହୋଇପାରିବ। ରାଜ୍ୟରେ ପ୍ରତ୍ୟେକ ଦିନ ୧୦୦୦ କୋଭିଡ୍ ରକ୍ତ ନମୁନା ପରୀକ୍ଷା କରାଯାଉଛି। ଆଗାମୀ ଦିନରେ ଏହାକୁ ୨୦୦୦ ରୁ ୩୦୦୦କୁ ବୃଦ୍ଧି କରିବାକୁ ସ୍ଥିର ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗ ଦର୍ଶନ ଓ ଅନ୍ୟ ରାଜ୍ୟମାନଙ୍କ ଦ୍ୱାରା ପାଳନ କରାଯାଉଥିବା କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କରି ଏକ ମାର୍ଗଦର୍ଶିକା ପ୍ରସ୍ତୁତି ନିମନ୍ତେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ଦିନମଜୁରିଆଙ୍କ ପାଇଁ ୨୦ଟି କଣ୍ଟ୍ରୋଲ୍ ରୁମ୍ ସ୍ଥାପିତ

**ଭୁବନେଶ୍ୱର :** କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ସାରା ଦେଶରେ ଉତ୍ପନ୍ନ ପରିସ୍ଥିତି ଯୋଗୁ ଦିନ ମଜୁରିଆମାନଙ୍କ ମଜୁରୀ ସଂପର୍କିତ ସମସ୍ୟାର ସମାଧାନ ନେଇ ମୁଖ୍ୟ ଶ୍ରମ କମିଶନ(ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦ଟି କଂଟ୍ରୋଲ୍ ରୁମ୍ ସ୍ଥାପନ କରାଯାଇଛି। ଏସବୁ କଂଟ୍ରୋଲ୍ ରୁମ୍ ଗୁଡିକ କେନ୍ଦ୍ରୀୟ ସ୍ତରରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଜୁରୀ ସଂପର୍କିତ ଅଭିଯୋଗର ସମାଧାନ, ଦାଦନ ଶ୍ରମିକମାନଙ୍କର ସମାଧାନ ଯାହାକି ବିଭିନ୍ନ ରାଜ୍ୟ ସରକାରଙ୍କ ସହ ସହଯୋଗ ମାଧ୍ୟମରେ କରାଯିବ। ଏଭଳି କଲ୍ ସେଂଟର ଗୁଡିକ ସହ ଫୋନ୍ ନମ୍ବର, ହ୍ୱାଟ୍ସ ଆପ୍ ଓ ଇମେଲ୍ ମାଧ୍ୟମରେ ଶ୍ରମିକମାନେ ଯୋଗାଯୋଗ କରିପାରିବେ। ସେହିସବୁ କଂଟ୍ରୋଲ୍ ରୁମ୍ ସଂପୃକ୍ତ କ୍ଷେତ୍ରର ଶ୍ରମ ଏନ୍ଫୋର୍ସମେଂଟ ଅଧିକାରୀ, ସହକାରୀ ଶ୍ରମ କମିଶନର, ଆଂଚଳିକ ଶ୍ରମ କମିଶନର, ଡେପୁଟି ଶ୍ରମ କମିଶନରମାନଙ୍କ ଦ୍ୱାରା ପରିଚାଳିତ ହେବ। ସମସ୍ତ ୨୦ଟି କଲ୍ ସେଂଟରର କାର୍ଯ୍ୟାବଳୀ ମୁଖ୍ୟାଳୟ ଠାରେ ଦୈନିକ ଭିତିରେ ମୁଖ୍ୟ ଶ୍ରମ ଆୟୁକ୍ତ (ସି)ଙ୍କ ଦ୍ୱାରା ମନିଟର ଓ ସୁପରଭାଇଜ୍ କରାଯିବ। ଏଥିନିମନ୍ତେ ସଂପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି ଯେ, ସେମାନେ ଶ୍ରମିକମାନଙ୍କ ପ୍ରତି ମାନବୀୟ ଆଭିମୁଖ୍ୟ ପ୍ରଦର୍ଶନ କରି ସେମାନଙ୍କ ସମସ୍ୟାବଳୀ ପ୍ରତି ଧ୍ୟାନ ଦେବେ ତଥା ସର୍ବାଧିକ ମାତ୍ରାରେ ସେସବୁର ସମାଧାନ ଯଥାଶୀଘ୍ର କରିବେ, ଫଳରେ ସେମାନେ ଉପଶମ ପାଇପାରିବେ।

## କରୋନା ପାଇଁ ଅଣ୍ଡା ଉତ୍ପାଦନ ପ୍ରଭାବିତ

**ଭୁବନେଶ୍ୱର :** କରୋନା ମହାମାରୀ ପାଇଁ ଓଡ଼ିଶାରେ ଅଣ୍ଡା ଉତ୍ପାଦନ କରୁଥିବା ଲେୟାର ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରାଜ୍ୟରେ ୨୦ହଜାର ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇଥିବା ଏହି ଶିଳ୍ପ ଏବେ ତିଷ୍ଠି ରହିବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଅଲ ଓଡ଼ିଶା ଲେୟାର ଫାର୍ମର୍ସ ଆସୋସିଏସନର ଅଧ୍ୟକ୍ଷ ମାନସ ମଙ୍ଗରାଜ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଲେଖିଥିବା ପତ୍ରରେ ଦର୍ଶାଯାଇଛନ୍ତି ଯେ ବର୍ତ୍ତମାନର ପ୍ରତିକୂଳ ପରିସ୍ଥିତିରେ ତିଷ୍ଠି ରହିବାପାଇଁ ସଂଗ୍ରାମ କରୁଥିବା ରାଜ୍ୟର ଅଣ୍ଡା ଉତ୍ପାଦନକାରୀ ଚାଷୀମାନେ ସର୍ବଦା ରାଜ୍ୟ ସରକାରଙ୍କ ସହିତ ରହି ଆସିଛନ୍ତି। ଅଳ୍ପ ଦିନ ତଳେ ଓଡ଼ିଶାକୁ ଅଣ୍ଡା ଓ କୁକୁଡ଼ା ମାଂସ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାପାଇଁ ସରକାର ଆହ୍ୱାନ ଦେବା ପରେ ଉଦ୍ୟୋଗୀମାନେ ଆଗକୁ ଆସି କୁକୁଡ଼ା ଶିଳ୍ପରେ ପୁଞ୍ଜି ଖଟାଇଥିଲେ। ଫଳରେ ମାତ୍ର ୪ବର୍ଷ ମଧ୍ୟରେ ରାଜ୍ୟରେ ଅଣ୍ଡା ଉତ୍ପାଦନ ଦୁଇଗୁଣା ହେବା ସହିତ ପଡ଼ୋଶୀ ରାଜ୍ୟରୁ ଅଣ୍ଡା ଆମଦାନୀ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ୨୦୧୫ ମସିହାରେ ରାଜ୍ୟରୁ ଦୈନିକ ୪୫ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଥିବାବେଳେ ୨୦୨୦ ବେଳକୁ ତାହା ୬୫ଲକ୍ଷରେ ପହଞ୍ଚିଥିଲା। ଏହି କ୍ଷେତ୍ରରୁ ସରକାର ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। ସେହିଭଳି ଅଣ୍ଡା ଉତ୍ପାଦନରେ ରାଜ୍ୟର ପ୍ରାୟ ୨୦ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କର୍ମସଂସ୍ଥାନ ପାଇଥିବାବେଳେ ଚନ୍ଦ୍ରଗିରି ସମେତ ଗଞ୍ଜାମ, ଉମରକୋଟ ଓ ନବରଙ୍ଗପୁର ଜିଲ୍ଲାର ଉତ୍ପାଦିତ ୯୦ ପ୍ରତିଶତ ମକା କୁକୁଡ଼ାଶିଳ୍ପ ଦାନା ଭାବେ ବ୍ୟବହାର ହେଉଛି। ଏଥିଯୋଗୁଁ ରାଜ୍ୟରେ ଗତ ୫ବର୍ଷ ଭିତରେ ମକା ଉତ୍ପାଦନ ୪୦ ପ୍ରତିଶତ ବଢ଼ିଛି, ଯାହାକି ସେହିସବୁ ଅଞ୍ଚଳର ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇଛି। ତେବେ ଗଣମାଧ୍ୟମରେ କରୋନା ସଂକ୍ରମଣକୁ ନେଇ ମିଥ୍ୟା ଖବରମାନ ପ୍ରକାଶ ପାଇବା ପରେ ଲୋକେ ଭୟରେ ଅଣ୍ଡା ଖାଉନାହାନ୍ତି। ସେହିଭଳି ବିଦ୍ୟାଳୟଗୁଡ଼ିକ ବନ୍ଦ ଯୋଗୁଁ ମଧ୍ୟାହ୍ନଭୋଜନ ଓ ସ୍ୱତନ୍ତ୍ର ପୁଷ୍ଟିକର ଯୋଜନା (ଏସ୍ଏନ୍ପି) ରେ ମଧ୍ୟ ଅଣ୍ଡା ଯୋଗାଣ ବାଧାପ୍ରାପ୍ତ ହୋଇଛି। ଅଣ୍ଡା ପରିବହନ ମଧ୍ୟ ବନ୍ଦ ରହିଛି। କୁକୁଡ଼ାଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ରାଜ୍ୟର ପାଖାପାଖି ୧୨ଟି ଅଣ୍ଡା ଉତ୍ପାଦନକାରୀ ଫାର୍ମ ଆର୍ଥିକ ସଙ୍କଟରୁ ବନ୍ଦହେବାକୁ ବସିଲାଣି। ଋଣ ବୋଝ ଯୋଗୁଁ ବହୁ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଉଥିବା ଏହି ସଂସ୍ଥାରେ ତାଲା ଝୁଲିବା ପୂର୍ବରୁ ଏହାକୁ ଚଳାଇ ରଖିବାପାଇଁ ସଂଘ ପକ୍ଷରୁ ସେ ସରକାରଙ୍କୁ କେତେକ ପ୍ରସ୍ତାବ ଦେଇଛନ୍ତି। ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବ ମଧ୍ୟରେ କୁକୁଡ଼ା ଚାଷ ପାଇଁ ହୋଇଥିବା ସମସ୍ତ ପ୍ରକାର ଋଣ ଉପରେ ୫ ପ୍ରତିଶତ ସୁଧ ରିହାତି, ଋଣ ପରିଶୋଧକୁ ଏକ ବର୍ଷ ସ୍ଥଗିତ ରଖିବା, ମୂଳ ପୁଞ୍ଜି ପାଇଁ ହୋଇଥିବା ଋଣକୁ ଟର୍ମ ଲୋନ୍ରେ ପରିବର୍ତ୍ତନ ସହିତ ତାହାକୁ ୫ବର୍ଷ ମଧ୍ୟରେ ପରିଶୋଧ ଲାଗି ସୁଯୋଗ ଦିଆଯିବା, ଫାର୍ମ ଚଳାଇ ରଖିବାଲାଗି ଚାଷୀମାନଙ୍କୁ ଆବଶ୍ୟକ ମୂଳଧନ ପାଇଁ ଋଣ ପ୍ରଦାନ, ରାଜ୍ୟରେ ଥିବା ସମସ୍ତ ପ୍ରକାର କୁକୁଡ଼ା ଶିଳ୍ପ (ଲେୟାର ଏବଂ ବ୍ରଏଲର)କୁ ଆର୍ଥିକ ସହାୟତା ପ୍ୟାକେଜ ପ୍ରଦାନ ସହିତ କୁକୁଡ଼ା ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କଞ୍ଚାମାଲ ଉପରୁ ଜିଏସ୍ଟି ଛାଡ଼ କରିବାପାଇଁ ସଂଘ ଅନୁରୋଧ କରିଛି। ଅଣ୍ଡା ବ୍ୟବହାର ବୃଦ୍ଧି ଲାଗି ମଧ୍ୟାହ୍ନଭୋଜନ ଓ ଏସ୍ଏନ୍ ଭଳି ଅନ୍ୟାନ୍ୟ ସରକାରୀ ଯୋଜନାରେ ଅଣ୍ଡା ଯୋଗାଣ ପାଇଁ ଅନୁମତି ଦେବା ସହିତ ସ୍କୁଲର ଛୁଟିରେ ପିଲାଙ୍କୁ ଅଣ୍ଡା ଯୋଗାଣ କରାଯାଉ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ଲାଗି ରାଜ୍ୟ ସରକାରଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ବଦଳିବ ଦଶମ ଶ୍ରେଣୀ ପାଠ୍ୟପୁସ୍ତକ

**ଭୁବନେଶ୍ୱର :** ମହାମାରୀ କରୋନା ପାଇଁ ରାଜ୍ୟ ସରକାର ଆଗୁଆ ସମସ୍ତ ସ୍କୁଲ ଏପ୍ରିଲ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦେଇଥିଲେ। ତେବେ ସମଗ୍ର ଦେଶରେ କରୋନା କାୟା ବିସ୍ତାର କରୁଥିବା ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁନ ୧୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଘୋଷଣା କରିଥିଲେ। ତେବେ ଅନେକ ସ୍କୁଲରେ ବାର୍ଷିକ ପରୀକ୍ଷା ଶେଷ ହୋଇନଥିବା ବେଳେ କିଛି ସ୍କୁଲରେ ପରୀକ୍ଷା ଅଧାରେ ବନ୍ଦ ରହିଥିଲା। ତେବେ ଚଳିତବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ପାସ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ କରୋନା ଲାଗି ରାଜ୍ୟରେ ସମସ୍ତ ସ୍କୁଲ ବନ୍ଦ ରହିଛି। ପାଠ୍ୟପୁସ୍ତକ ବ୍ଲକ ଏବଂ ସ୍କୁଲରେ ପହଞ୍ଚିସାରିଛି। ହେଲେ ପିଲାଙ୍କ ପାଖରେ ପାଠ୍ୟପୁସ୍ତକ ପହଞ୍ଚି ପାରିନି। ଫଳରେ ଚଳିତବର୍ଷ ପାଠ୍ୟପୁସ୍ତକ ପିଲାଙ୍କ ପାଖରେ କିରି ପହଞ୍ଚିବ ତାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଏପରି ସମସ୍ୟାର ସମାଧାନ ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଗୁରୁତ୍ୱ ଦେଇ ରାଜ୍ୟର ସମସ୍ତ ସ୍କୁଲର ଶିକ୍ଷକମାନେ ଏପ୍ରିଲ ୨୫ ସୁଦ୍ଧା ପିଲାଙ୍କ ଘରେ ପାଠ୍ୟପୁସ୍ତକ ନେଇ ବାଣ୍ଟିବେ। ପିଲାମାନେ ବହି ନେବାକୁ ଆସିବେନି। ଏନେଇ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି କରୋନା ଲକ୍ଡାଉନ୍ ଲାଗି ମାଟ୍ରିକ ଖାତା ଦେଖା ଆରମ୍ଭ ହୋଇନାହିଁ। ଚଳିତବର୍ଷ ଖାତାଦେଖାରେ ସର୍ବାଧିକ ସ୍ୱଚ୍ଛତା ଆଣିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବେଳେ ଲକ୍ଡାଉନ୍ ଲାଗି ଖାତାଦେଖା କିରି ହେବ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା କିରି ରହିବ ତାହାକୁ ନେଇ ଉଭୟ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ବିଚଳିତ ହୋଇପଡ଼ିଛନ୍ତି। ତେବେ ଏନେଇ କୌଣସି ବିଚଳିତ ହେବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଲକ୍ଡାଉନ୍ ଅବଧି ଶେଷ ହେବା ପରେ ମେ' ୩ପରେ ଖାତାଦେଖା ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ସେହିରି ଚଳିତବର୍ଷ ଦଶମ ଶ୍ରେଣୀ ଦଶମ ଶ୍ରେଣୀ ପାଠ୍ୟପୁସ୍ତକରେ ପରିବର୍ତ୍ତନ କରାଯିବ। ମୋଟ୍ ୧୪ଟିରୁ ୮ଟି ବିଷୟରେ ପରିବର୍ତ୍ତନ କରାଯିବ। ଲକଡାଉନ୍ ଉଠିବା ପରେ ଦଶମ ପାଠ୍ୟପୁସ୍ତକ ବିକ୍ରୟ ଆରମ୍ଭ ହେବ ବୋଲି ଶୁଣିବାକୁ ମିଳୁଛି।

### ୩୦ ଜିଲ୍ଲା ପାଇଁ ୩୦ ନୋଡାଲ ଅଧିକାରୀ ନିଯୁକ୍ତ

## ତୃଣମୂଳସ୍ତରରେ କୃଷି କାର୍ଯ୍ୟ ତଦାରଖ କରିବେ : ମନ୍ତ୍ରୀ

**ଭୁବନେଶ୍ୱର :** କରୋନା ଭୂତାଣୁ ସଂକ୍ରମଣ ପରିପ୍ରେକ୍ଷୀରେ ଭାରତ ସମେତ ସାରା ରାଜ୍ୟରେ ଲକ୍ ଡାଉନ୍ ଜାରି କରାଯାଇଥିବା ବେଳେ କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ଲକ ଡାଉନ୍ କଟକଣା କୋହଳ କରାଯାଇଛି। ସଂପ୍ରତି ରାଜ୍ୟରେ ରବି ଫସଲ ଅମଳ ହେଉଥିବା ଓ ଖରିଫ୍ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ ହେଉଥିବା ବେଳେ ଜିଲ୍ଲା ଦାୟିତ୍ୱରେ ଥିବା ନୋଡ଼ାଲ ଅଧିକାରୀମାନେ ଅଧିକ କ୍ରିୟାଶୀଳ ହେବାପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ ପ୍ରକାଶ କରିଛନ୍ତି। ନୋଡାଲ ଅଧିକାରୀମାନେ କ୍ଷେତ୍ର ଅଧିକାରୀମାନଙ୍କ ସହିତ ନିରନ୍ତର ସଂପର୍କ ରଖିବେ, ଯେପରି କୃଷି କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ଦିଗରେ ସମୟୋଚିତ ପଦକ୍ଷେପ ନିଆଯାଇ ପାରିବ। କୃଷି ଭବନ ଠାରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଡ. ସାହୁ କହିଲେ ଯେ, ଲକ୍ ଡାଉନ ସମୟରେ ରାଜ୍ୟରେ କୃଷି କାର୍ଯ୍ୟ କିପରି କରାଯିବ, ସେଥିନିମନ୍ତେ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ସାମାଜିକ ଦୂରତ୍ୱକୁ ମାନି କୃଷିକାର୍ଯ୍ୟ କରିବାକୁ ପଡ଼ିବ। ନୋଡାଲ୍ ଅଧିକାରୀମାନେ ପ୍ରତ୍ୟହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷିର ଉପନିର୍ଦ୍ଦେଶକ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଯୋଗାଯୋଗରେ ରହିବା ସହିତ ସିଧାସଳଖ ଉପଖଣ୍ଡ, ବ୍ଲକ ଏବଂ ପଂଚାୟତ ସ୍ତରରେ କାର୍ଯ୍ୟ କରୁଥିବା କୃଷି ଅଧିକାରୀଙ୍କ ସହିତ ସଂପର୍କ ସ୍ଥାପନ କରି ତୃଣମୂଳ ସ୍ତରରେ ଉପୁଜୁଥିବା ସମସ୍ୟାର ଖବର ସଂଗ୍ରହ କରି ସମାଧାନର ପନ୍ଥା ନିରୂପଣ କରିବେ ଓ ପ୍ରତିଦିନ ସନ୍ଧ୍ୟାରେ ହ୍ୱାଟସପ୍ ଜରିଆରେ ରିପୋର୍ଟ ପ୍ରଦାନ କରିବେ। ଆବଶ୍ୟକସ୍ଥଳେ ଜିଲ୍ଲା ପ୍ରଶାସନ ଦ୍ୱାରା ଖୋଲା ଯାଇଥିବା କଂଟ୍ରୋଲ୍ ରୁମ୍ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। କୋଭିଡ୍-୧୯ ପରିପ୍ରେକ୍ଷୀରେ ପ୍ରତ୍ୟେକ କ୍ଷେତ୍ରରେ ଟେକ୍ନୋଲୋଜୀର ବହୁଳ ବ୍ୟବହାର, ସୋସିଆଲ୍ ମିଡ଼ିଆର ଉପଯୋଗ କରି ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ତଥ୍ୟ ଓ ସୂଚନାର ଆଦାନ ପ୍ରଦାନ ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ହ୍ୱାଟ୍ସଆପ୍ ମାଧ୍ୟମରେ ଭାରତର ବିଭିନ୍ନ ବଜାରର ସ୍ଥିତି ଉପରେ ସୂଚନା ଦେଇଥିଲେ। ଚାଷୀମାନେ ଆମ କୃଷି ହେଲପ୍ ଲାଇନ୍ ସେବାର ବହୁଳ ଉପଯୋଗ କରିବା ଉପରେ ପ୍ରମୁଖ ସଚିବ ଡ. ଗର୍ଗ ଗୁରୁତ୍ୱାରୋପ କରିଥିଲେ। ଏହି ସେବା ମାଧ୍ୟମରେ ଚାଷୀମାନଙ୍କ କୃଷି ସୂଚନା ବ୍ୟତୀତ କୃଷି ବଜାରର ସୂଚନା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। କୃଷିଜାତ ଦ୍ରବ୍ୟର ବିକ୍ରିବଟା ଓ ଏହାର ପରିବହନ ଉପରେ କୌଣସି କଟକଣା ନଥିବା ପରିପ୍ରେକ୍ଷୀରେ କୃଷି ଅଧିକାରୀମାନେ କୃଷିଜାତ ଦ୍ରବ୍ୟର ବିକ୍ରି ଦିଗରେ ଚାଷୀମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇ ଦେବାପାଇଁ ଡ. ଗର୍ଗ କହିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍ ମୁଥୁକୁମାର ପ୍ରମୁଖ ଉପସ୍ଥିତ ଥିଲେ।



## ପାନୀୟଜଳ ପାଇଁ ଟୋଲ-ଫ୍ରି ନମ୍ବର

**ଭୁବନେଶ୍ୱର :** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଲୋକେ ଯେଭଳି ସୁରୁଖୁରୁରେ ପାନୀୟଜଳ ପାଇବେ ସେଥିପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦୁଇଟି ଟୋଲ-ଫ୍ରି ନମ୍ବର ଜାରି ହୋଇଛି। ସହରାଞ୍ଚଳ ପାଇଁ ଟୋଲ-ଫ୍ରି ନମ୍ବର ୧୮୦୦୩୪୫୬୭୮୩ ଥିବାବେଳେ ଗ୍ରାମାଞ୍ଚଳ ପାଇଁ ୧୯୧୬ ରହିଛି। ଜଳଯୋଗାଣ ନେଇ କୌଣସି ଆବଶ୍ୟକତା ପଡ଼ିଲେ ଏହି ନମ୍ବରରେ ଲୋକେ ଫୋନ୍ କରିପାରିବେ। ଏଥି ସହିତ ଜଳ ଯୋଗାଣ ପାଇଁ କଣ୍ଟ୍ରୋଲରୁମ୍ ଖୋଲିଥିବାବେଳେ ପାନୀୟଜଳ ଯୋଗାଣରେ ଯେଭଳି କୌଣସି ସମସ୍ୟା ଦେଖାନଦିଏ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ପାନୀୟଜଳ ଯୋଗାଣ ସଂକ୍ରାନ୍ତରେ ମନ୍ତ୍ରୀ ଶ୍ରୀ ଜେନା ସମୀକ୍ଷା କରିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଡି.କେ.ସିଂହଙ୍କ ସମେତ ବରିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି ଯେ ଗ୍ରୀଷ୍ମଋତୁରେ ଯେଭଳି ନିରବଚ୍ଛିନ୍ନ ଜଳଯୋଗାଣ ଜାରି ରହିବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏପ୍ରିଲ୍ ତୃତୀୟ ସପ୍ତାହ ସୁଦ୍ଧା ସମସ୍ତ ନଳକୂ ଗୁଡ଼ିକର ମରାମତି ସାରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ୨୪ ଘଣ୍ଟା ଭିତରେ ଏଥିପାଇଁ ଆବଶ୍ୟକ ଆନୁଷଙ୍ଗିକ ଉପକରଣ ପ୍ରସ୍ତୁତ ଲାଗି କହିଛନ୍ତି। ସେହିଭଳି ପମ୍ପହାଉସଗୁଡ଼ିକରେ ଜେନେରେଟର ପ୍ରସ୍ତୁତ କରି ରଖିବା ସହିତ କୌଣସି ଠାରେ ପାଣିପାଇପ୍ରେ ଲିକ୍ ଦେଖାଦେଲେ ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ପାଇଁ କୁହାଯାଇଛି। ସହରାଞ୍ଚଳରେ ଯୋଗାଯାଉଥିବା ଜଳକୁ ଠିକଣାଭାବେ ବିଶୋଧନ ସହିତ ଆବଶ୍ୟକସ୍ଥଳେ ଜଳଯୋଗାଣ ଲାଗି ଟ୍ୟାଙ୍କର ପ୍ରସ୍ତୁତ ରଖିବାକୁ କହିଛନ୍ତି। ସେହିଭଳି ପୌରସଂସ୍ଥାଗୁଡ଼ିକ ବିଭିନ୍ନ ସ୍ଥାନରେ ଖୋଲିଥିବା ଜଳଛତ୍ରକୁ ପାଣି ଯୋଗାଣ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ, କଲେଜ, ଡାକ୍ତରଖାନା ଆଦି ପରିସରରେ ଥିବା ନଳକୂପ ଗୁଡ଼ିକୁ ଆବଶ୍ୟକ ସ୍ଥଳେ ମରାମତି କରିବା ସହିତ ଏଠାକୁ ଜଳଯୋଗାଣରେ ଯେଭଳି କୌଣସି ବାଧା ନଉପୁଜେ ତାହା ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି। ପୌରାଞ୍ଚଳରେ ପୌର ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ଜଳଯୋଗାଣ ବ୍ୟବସ୍ଥାକୁ ସୁଗମ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୌଣସି ଠାରେ ଜଳ ଯୋଗାଣରେ ସମସ୍ୟା ଦଖାଦେଲେ ତୁରନ୍ତ ବିଭାଗୀୟ ଯନ୍ତ୍ରୀ ଓ ଆବଶ୍ୟକସ୍ଥଳେ ଜିଲ୍ଲାପାଳଙ୍କ ନଜରକୁ ଆଣିବାକୁ କୁହାଯାଇଛି। କୌଣସି ଠାରେ ନୂତନ ନଳକୂ କିମ୍ୱା ଅନ୍ୟ ଜଳଉତ୍ସର ଆବଶ୍ୟକ ସେ ସଂକ୍ରାନ୍ତରେ ଜିଲ୍ଲାପାଳମାନେ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଦେଲେ ତୁରନ୍ତ ସେ ଦିଗରେ ପଦକ୍ଷେପ ନେବାପାଇଁ କୁହାଯାଇଛି। ସେହିଭଳି ସରକାରଙ୍କ ଜଳ ଯୋଗାଣ ବ୍ୟବସ୍ଥା ସଂକ୍ରାନ୍ତରେ ଲୋକେ ଯେଭଳି ଅବଗତ ହେବେ ସେଥିପାଇଁ ଗଣମାଧ୍ୟମ ସହ ସମ୍ପର୍କ ପାଇଁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ବିଭାଗ ପକ୍ଷରୁ ମନ୍ତ୍ରୀଙ୍କ ପରାମର୍ଶକ୍ରମେ ଜିଲ୍ଲାସ୍ତରରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ପଠାଯାଇଛି।



## କରୋନା ସତର୍କତା

୧. ଗୃହର ସବୁ କୋଠରୀରେ ସକାଳ ସନ୍ଧ୍ୟାରେ ଝୁଣାଧୂଆଁ ବୁଲାନ୍ତୁ। ଝର୍କା କବାଟ ସାନିଟାରୀ କପଡ଼ାରେ ପୋଛନ୍ତୁ। ପ୍ରତିଦିନ ଡେଟଲ୍ ପାଣିରେ କୋଠରୀର ଚଟାଣ ପୋଛନ୍ତୁ। ଡଷ୍ଟବିନ୍ରୁ ଅଳିଆ ଫିଙ୍ଗି ଦିନକୁ ଦୁଇଥର ସଫା କରନ୍ତୁ।

୨. ସକାଳ କିମ୍ବା ଅପରାହ୍ନ ଖରାରେ ୧୦ ମିନିଟ୍ ଖୋଲା ଦେହରେ ବସନ୍ତୁ। ପ୍ରତି ୨ ଘଣ୍ଟାରେ ଥରେ ହାତପାପୁଲି ଡେଟଲ୍, ଲାଇଫ୍ବୟ ସାବୁନ କିମ୍ବା ହ୍ୟାଣ୍ଡ୍ ୱାସ୍ରେ ୧୦ ସେକେଣ୍ଡ୍ ପର୍ଯ୍ୟନ୍ତ ସଫାକରନ୍ତୁ।


୩. ଶୋରିଷ ତେଲରେ ତରକାରୀ ରାନ୍ଧନ୍ତୁ। ଷ୍ଟିଲ୍ ବାସନରେ ଭୋଜନ କରନ୍ତୁ ନାହିଁ। ଗରମ ଖାଦ୍ୟ ଖାଆନ୍ତୁ। ଉଷୁମ ପାଣି ପିଅନ୍ତୁ। ଖାଲି ପେଟରେ କିଛି ପାଖୁଡ଼ା ତୁଳସୀପତ୍ର ଚୋବାଇ ଖାଆନ୍ତୁ। ଖାଦ୍ୟରେ କିଛି କଞ୍ଚାରସୁଣ ଖାଆନ୍ତୁ। ଆମିଷ ଖାଉଥିଲେ ବ୍ରଏଲର କୁକୁଡ଼ା ଓ ଅଣ୍ଡା କିଛିଦିନ ବ୍ୟବହାର ନ କଲେ ଭଲ। ପ୍ରାକୃତିକ ସମୁଦ୍ର, ନଦୀ କିମ୍ବା ଚିଲିକା ମାଛ, ଛେଳିମାଂସ ଖାଇପାରନ୍ତି।

୪. ଜରୁରୀ କାମରେ ବାହାରକୁ ବାହାରିଲେ ମାସ୍କ ପିନ୍ଧନ୍ତୁ। କୋଳାହଳ ସ୍ଥାନରୁ ଦୂରେଇ ରହନ୍ତୁ। ବାହାରୁ ଆସିବା କ୍ଷଣି ହସ୍ତପାଦ, ମୁଖ ସଫାକରନ୍ତୁ। ଅଳ୍ପ କଥା କହନ୍ତୁ ଅଧିକ ନିରବ ରହନ୍ତୁ। ଏ.ସି ଅଳ୍ପ ବ୍ୟବହାର କରନ୍ତୁ। ପ୍ରତି ସନ୍ଧ୍ୟାରେ ଗରମ ଲୁଣପାଣି ଗାର୍ଗଲିଙ୍ଗ୍ କଲେ ଗଳା ସଂକ୍ରମଣ ସମ୍ଭାବନାକୁ ଏଡ଼ାଇ ହୁଏ।

୫. ବିଶ୍ୱବାସୀଙ୍କୁ ମହାବିପତ୍ତିରୁ ରକ୍ଷାକରିବା ପାଇଁ ସୃଷ୍ଟିକର୍ତ୍ତାବିଷ୍ଣୁଙ୍କୁ ପ୍ରାର୍ଥନା କରନ୍ତୁ। ଗୃହରେ ଓଁ କାର ଧ୍ୱନି କରନ୍ତୁ। ଗୀତା, ଭାଗବତ, ହନୁମାନଚାଳିଶା ପାଠକରନ୍ତୁ। ପୂର୍ବପୁରୁଷଙ୍କ ନିତ୍ୟ ଚଳଣି ପଦ୍ଧତି ଆପଣାନ୍ତୁ।

**ସତର୍କତା ଆମ ଜୀବନର ଲକ୍ଷ୍ୟ ହେଉ।**

*ଯୋଗୀ ଗଣେଶ୍ୱର*
*ମିଶନ ଭାଗବତ, ଦୂରଭାଷ-୯୬୬୮୬୩୧୨୫୭*



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୦ - ୨୬ ଏପ୍ରିଲ, ୨୦୨୦

# ସତର୍କ ରହିବାର ବେଳ



ସମ୍ପାଦକୀୟ

ତାରକ ମହାନ୍ତି

ମହାମାରୀ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ଲକଡାଉନ୍ ଅବଧି ବୃଦ୍ଧି କରିଛନ୍ତି। ୩ ସପ୍ତାହର ଲକଡାଉନ୍ ପରେ ପୁଣିଥରେ ସାରା ଦେଶର ତାଲ ବନ୍ଦ। କରୋନା ମୁକାବିଲା ବେଳେ ସରକାର ଜୀବିକା ଅପେକ୍ଷା ଜୀବନକୁ ପ୍ରାଥମିକତା ଦେଇଛନ୍ତି। କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ସହ ତାଲ ମିଳାଇ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଲକଡାଉନ୍ ଅବଧି ବୃଦ୍ଧି କରି ଦେଶର ପ୍ରଥମ ରାଜ୍ୟଭାବେ ଏଭଳି ନିଷ୍ପତ୍ତି ନେଇଥିଲେ। ସେହିଭଳି ରାଜ୍ୟବାସୀ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ବିଶ୍ୱ ମହାମାରୀ କରୋନା ବିରୋଧରେ ଲଢ଼ିବା ବର୍ତ୍ତମାନ ସମୟରେ ସବୁଠୁ ବଡ ଆହ୍ୱାନ। ଆମେରିକା, ଇଟାଲୀ ଭଳି ଦେଶମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବେଶ୍ ଶକ୍ତିଶାଳୀ ହୋଇଥିଲା ବେଳେ ସେମାନେ ବି କରୋନା ମୁକାବିଲା କ୍ଷେତ୍ରରେ ଅସହାୟ। ସବୁଠୁ ଅଧିକ ବିକାଶିତ ରାଷ୍ଟ୍ର ଆମେରିକା ବି ଏ ଦିଗରେ ପଛରେ ପଡିଯାଇଛି। କରୋନା ମୃତ୍ୟୁହାର ଦିନକୁ ଦିନ ବଢ଼ିଚାଲିଥିଲା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ତାହାରି ମଧ୍ୟରୁ କିଛି ସଂକ୍ରମିତ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ସେବାକ୍ଷେତ୍ରଠୁ ଆରମ୍ଭ ଅଣସଂଗଠିତ କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ଅଚଳାବସ୍ଥା। ଅର୍ଥନୀତି ପ୍ରଭାବିତ ହେବା ସହ ଦିନ ମଜୁରିଆଙ୍କ ସମସ୍ୟା ବଢ଼ିଚାଲିଛି। ଅକଥନୀୟ ଦୁର୍ଦ୍ଦଶା ଭିତରେ ଦହଗଞ୍ଜ ହେଉଥିବା ପରିବାରଙ୍କ ନିକଟରେ ଜୀବନ ଅପେକ୍ଷା ଜୀବିକା ଏବେ ଗୁରୁତ୍ୱହୀନ। ତେବେ ଯାହା ସୂଚନା ମିଳୁଛି ବିକଶିତ ଓ ବିକାଶଶୀଳ ରାଷ୍ଟ୍ରମାନେ ପ୍ରତିରକ୍ଷା କ୍ଷେତ୍ରକୁ ଯେଭଳି ଗୁରୁତ୍ୱ ଦେଇଛନ୍ତି ସ୍ୱାସ୍ଥ୍ୟସେବାକୁ ସେଭଳି ପ୍ରାଧାନ୍ୟ ଦେଇନାହାନ୍ତି। ଯେଉଁଥିପାଇଁ କରୋନା ଭଳି ମହାମାରୀକୁ ମୁକାବିଲା କରିବା ଦିଗରେ ସମସ୍ତେ ଆଶଙ୍କାରେ ରହିଛନ୍ତି। ତୁଳାନାତ୍ମକ ଦୃଷ୍ଟିରୁ ବିଶ୍ୱରେ ଭାରତ ସୁରକ୍ଷିତ ଥିବା ଜଣାପଡିଛି। ଏହାପଛରେ ଲକଡାଉନ୍ ଭଳି ଦୃଢ଼ ପଦକ୍ଷେପ ହିଁ ଉତ୍ତମ ପଦକ୍ଷେପ। ସଚେତନତା ହିଁ ସୁରକ୍ଷାର ପ୍ରଥମ ପଦକ୍ଷେପ ଯାହାକି ପାଳନ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଦା ସତର୍କ କରାଉଛନ୍ତି। ସମସ୍ତ କଟକଣା ସତ୍ତ୍ୱେ ସମ୍ପ୍ରତି କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି ସରକାର। ଚାଷୀକୁଳର ସୁରକ୍ଷା ଓ ସହାୟତା ପାଇଁ ଅଣ୍ଟା ଭିଡୁଛନ୍ତି ସରକାର। ବଜାର ସୁବିଧା ନଥିବାରୁ ଖରାଟିଆ ଫସଲ କ୍ଷତିଗ୍ରସ୍ତ। ପନିପରିବା ଉତ୍ପାଦନ ହେଉଥିଲେ ବି ଏହା ବଜାରକୁ ଆସିପାରୁନି। ଯେଉଁଥିପାଇଁ ବିଲ ମୁଣ୍ଡରେ ସଢୁଛି ପନିପରିବା। ଏଥିରେ ଚାଷୀଙ୍କର ବହୁ କ୍ଷତି ହେଉଛି। ଗୋଟେପଟେ ଜୀବନ ବଞ୍ଚାଇବାକୁ ସରକାର ପଦକ୍ଷେପ ନେଉଛନ୍ତି। ହେଲେ ଅନ୍ୟପକ୍ଷରେ ଜୀବିକା ବୁଡି ଯାଉଛି। ଦୀର୍ଘ ସମୟ ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡିବାର ଆଶଙ୍କା ଦେଖାଦେଇଛି। ଏହାରି ମଧ୍ୟରେ ଆହୁରି ଅନେକ କଟକଣା ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଥିଲା ବେଳେ କୃଷି ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିହବନ ଉପରେ କୋହଳ ଆରମ୍ଭ ହୋଇଛି। କରୋନା ସମୟ ମଧ୍ୟରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷଈ। ନିଜର ଉତ୍ପାଦିତ ଦ୍ରବ୍ୟ ବଜାର ଅଭାବରୁ ବିଲରେ ପଡି ଯାଉଛି ବା ଶୁଖି ଯାଉଛି। ଲକ୍ଷ ଲକ୍ଷ ଟଙ୍କା ଋଣ କରିଥିବା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି କରୋନା। ବହୁତ ମେହନତ କରି ଚାଷୀ ଯେଉଁ ପନିପରିବା ଫଳା ଇଥିଲା ତାହା ସେଇ କ୍ଷେତ୍ରରେ ପଡିରହୁଛି।

ଅନ୍ୟପକ୍ଷରେ ଘର ଭିତରେ ଲକଡାଉନ୍‌ରେ ରହିଥିବା ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଖାଦ୍ୟ ସାମଗ୍ରୀର ଆବଶ୍ୟକତା ଦୃଷ୍ଟିରୁ ପରିବହନ ଉପରେ କଟକଣା ରହିଲେ ଯୋଗାଣ ବାଧାପ୍ରାପ୍ତ ହେବା ସ୍ୱାଭାବିକ। ଏହାକୁ ଦୃଷ୍ଟିରେ ରଖି ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ ଉପରେ କଟକଣା ରହିଲେ ଯୋଗାଣ ବାଧାପ୍ରାପ୍ତ ହେବା ସ୍ୱାଭାବିକ। ଏହାକୁ ଦୃଷ୍ଟିରେ ରଖି ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ ଉପରୁ କଟକଣା ହଟାଇଛନ୍ତି। ଆଶା କରାଯାଏ ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ୍ ଅବଧି ଶେଷ ପରେ ପରିସ୍ଥିତିରେ ସାମାନ୍ୟ ସୁଧାର ଆସିପାରେ। କାରଣ ୨୦ ତାରିଖରୁ ଦେଶର କରୋନା ସଂକ୍ରମଣ ନଥିବା ବିଭିନ୍ନ ଅଞ୍ଚଳରେ ନିୟମ କୋହଳ ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। କିନ୍ତୁ ଚିହ୍ନଟ ହୋଇଥିବା ହଟସ୍ପଟ ଅଞ୍ଚଳ ବା ସହର ଗୁଡିକରେ ଆହୁରି ଅଧିକ କଟକଣା ବଢ଼ିବ। ଆଗକୁ କୃଷି ଋତୁ ଆସୁଥିବାରୁ କଟକଣା କୋହଳ ନହେଲେ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହେବ। ଯାହା ଫଳରେ କୃଷି ଉତ୍ପାଦନ ହ୍ରାସ ପାଇବ ଓ ଏହାର ପ୍ରଭାବ ଅର୍ଥନୀତି ଉପରେ ପଡିବ। ଗୋଟେପଟେ ଜୀବନକୁ ସୁରକ୍ଷିତ ରଖିବାକୁ ସରକାର ପଦକ୍ଷେପ ନେଉଥିଲା ବେଳେ ଜୀବିକା ଏବେ ସଙ୍କଟ ଦିଗକୁ ଗତିକରୁଛି। କରୋନାରୁ ଜୀବନ ବଞ୍ଚଗଲେ ବି ଜୀବିକାକୁ ନେଇ ଆଶଙ୍କା ସୃଷ୍ଟି ହେଲାଣି। ଶିଳ୍ପ, କର୍ପୋରେଟ ଜଗତ ହେଉ କି ଘରୋଇ ଚାକିରିରେ ସଙ୍କଟ ଦେଖାଦେବ। ସେହିଭଳି ଶ୍ରମଜୀବୀଙ୍କ ଜୀବିକା କ୍ଷେତ୍ରରେ ମଧ୍ୟ ଘୋର ସଙ୍କଟ ଦେଖାଦେବ। ଯାହାର ପ୍ରଭାବ ଏବେଠାରୁ ଦେଖାଦେଲାଣି। କିଛି ରାଜ୍ୟର ସରକାର ଚାକିରିଆଙ୍କ ଦରମା କାଟ କରିବାକୁ ସୂଚନା ଦେଇଥିଲା ବେଳେ ବାଜାଜ କମ୍ପାନୀ ନିଜ କର୍ମଚାରୀଙ୍କ ଦରମା କମାଇବା ଉପରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଶ୍ୱରେ କରୋନାର ଭୟାବହତାକୁ ଦେଖିଲେ ଆମ ଦେଶ ଓ ରାଜ୍ୟ ସୁରକ୍ଷିତ ସ୍ଥିତିରେ ରହିଛି। କେନ୍ଦ୍ର ଓ ରାଜ୍ୟର ପଦକ୍ଷେପ ଯୋଗୁ ଏହି ଭୂତାଣୁ ସଂକ୍ରମଣ କମ ରହିଛି। ତଥାପି ସଙ୍ଗରୋଧ ଓ ସମଦୂରତା କ୍ଷେତ୍ରରେ କିଛି ବ୍ୟକ୍ତିବିଶେଷ କଟକଣା ମାନୁନଥିବାରୁ ଏହା ସଙ୍କଟ ସୃଷ୍ଟି କରୁଛି। ଏଥିପାଇଁ କଠୋର ନିଷ୍ପତ୍ତି ଓ ସଚେତନତା ଜରୁରୀ ହୋଇପଡିଛି। ଯଦିଓ ଭାରତରୁ କରୋନା କେବେ ବିଦାୟ ନେବ ଏହାର ସଠିକ ତଥ୍ୟ ବର୍ତ୍ତମାନ ଠାରୁ ଦେବା ସମ୍ଭବ ନୁହେଁ। କାରଣ ଯେତେଦିନ ପର୍ଯ୍ୟନ୍ତ ଏହି ରୋଗର ଭ୍ୟାକସିନ ବାହାରିପାରିନାହିଁ ସେତେଦିନ ପର୍ଯ୍ୟନ୍ତ କରୋନା ଆତଙ୍କ ଲାଗି ରହିବ। ଏ କ୍ଷେତ୍ରରେ ବିକଶିତ ରାଷ୍ଟ୍ର ସହ ବିକାଶଶୀଳ ରାଷ୍ଟ୍ର ମଧ୍ୟ ନିଜର ପ୍ରୟାସ ଜାରି ରଖୁଛନ୍ତି। ହେଲେ ନିର୍ଦ୍ଦିଷ୍ଟ ଭାବେ ଏଯାବତ କରୋନା ଚିକିତ୍ସା ପାଇଁ ନିର୍ଦ୍ଦିଷ୍ଟ ଭାବେ ଏଯାବତ କରୋନା ଚିକିତ୍ସା ପାଇଁ ନିର୍ଦ୍ଦିଷ୍ଟ ଭାବେ କୌଣସି ଔଷଧ ବାହାରିନାହିଁ। ତେଣୁ ହାଇଡ୍ରୋକ୍ସିକ୍ଲୋରୋକୁଇନ ଏହି ରୋଗ କମାଇବାକୁ ସକ୍ଷମ ବୋଲି କୁହାଯାଉଛି। ଯେଉଁଥିପାଇଁ ଆମେରିକା ସମେତ ୧୯ ଦେଶ ଭାରତରୁ ଏହାକୁ ମଗାଉଛନ୍ତି। ହେଲେ କେତେକ ରାଷ୍ଟ୍ରର ଚିକିତ୍ସା ବିଜ୍ଞାନୀଙ୍କ ମତରେ ହାଇଡ୍ରୋକ୍ସିକ୍ଲୋରୋକୁଇନ ସେବନ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ। ତେଣୁ ମହାମାରୀ କରୋନା ଧରାପୃଷ୍ଠରୁ କେବେ ବିଦାୟ ନେବ ତାହା ଆକଳନ କରିବା କଷ୍ଟସାଧ। ସଚେତନତା ଓ ନିୟମ ମାନି ଚଳିବା ହିଁ ବର୍ତ୍ତମାନ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଦେଶରେ ଏହି ଘଡିସନ୍ଧି ମୁହୂର୍ତ୍ତରେ ଜନସାଧାରଣ ନିଜକୁ ନିଜେ ସୁରକ୍ଷିତ ରଖିବା ପାଇଁ ଯଥାସାଧ୍ୟ ପ୍ରୟାସ କରିବା ଦରକାର। ଆମର ସମ୍ବଳ ଓ ସାଧନ ଦୃଷ୍ଟିକୋଣରୁ ବିଚାର କରି କିଭଳି କରୋନା ଅସୁର ନିକଟରୁ ବଞ୍ଚି ପାରିବା ତାହା ସବୁଠୁ ବଡ ଆହ୍ୱାନ। ମାନବ ଜାତିର ଏ ଦୁର୍ଗତି ବେଳେ ବିଜ୍ଞାନ ସହ ଆଧ୍ୟାତ୍ମିକତା ଓ ଚଳନୀରେ ପରିବର୍ତ୍ତନ ଜରୁରୀ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ

ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା

ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଇତି ଭୟ ପ୍ରାୟଶ୍ଚିତ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଉତ୍ପତ୍ତି, ସ୍ଥିତି, ବିଳୟଚକ୍ରରେ ମର୍ତ୍ତ୍ୟ ଲୋକରେ ସମସ୍ତଙ୍କର ଥିବାବେଳେ କରୋନାର ଅମରତ୍ୱ କେମିତି ତିଷ୍ଠିଛି ଏହା ବିସ୍ମୟ। ମାର୍କଣ୍ଡେୟ ଚଣ୍ଡୀରେ ରକ୍ତବୀର୍ଯ୍ୟର ତଥ୍ୟ ଅଛି ସେ ଦିବ୍ୟବର ପାଇଥିଲା ତାର ବିନାଶ ଇଚ୍ଛକ କ୍ରିୟାକାଣ୍ଡ ଶରୀର ଅଙ୍ଗ ଛେଦନ ରକ୍ତପାତ କରିଲେ ତାର ରୁଧିରରୁ ଠିକ୍ ସେହିପରି ଏକ ଅସୁର ତତ୍ ସଦୃଶ ଓ ତାପରି କ୍ରିୟାଶୀଳ ସୃଷ୍ଟି ହେବ। ଏକରୁ ଯେ ଅନେକ ସୃଷ୍ଟି ହେବା ପରିକଳ୍ପନାର ଭୟ ଏଥିରେ ରହିଥିଲା। ତେବେ ମାଆ ଶକ୍ତିମୟୀ ଚାମୁଣ୍ଡା ଶକ୍ତି ଶିବଶକ୍ତି ଦ୍ୱାରା ଏହା ପୂତିତ ପ୍ରକ୍ରିୟାକୁ ରୋଧ କରି ଗଳିତ ରୁଧିରକୁ ଚାଟିବା ଲେହନ ଦ୍ୱାରା ମୂଳ ଉତ୍ପତ୍ତି ସ୍ଥଳର ଉତ୍ସକୁ ନଷ୍ଟ କରିଦେଇଥିଲେ। ଦେବତା ରୁଷ୍ଟ ହୋଇ ଭୟଙ୍କରା ହେବା ସହିତ ଏକ ମାନବ ଶରୀର ସାନିଧ୍ୟରେ ଶିବା (ବିଲୁଆ) ଗଣ ବେଷ୍ଟିତ କରିବା ବର୍ତ୍ତମାନ ବର୍ଣ୍ଣନାରେ ଓ ତୁଳୀରେ ମୂର୍ତ୍ତିରେ ପରିଗ୍ରହ ହେଉଛି। ବହୁ ସଂକଟ ବହୁ ବିପତ୍ତିରେ ମନୁଷ୍ୟ ପଶୁ ଶକ୍ତିର ସମ୍ବନ୍ଧକୁ ଆସିବା ଦେଖାଯାଏ। ଆମର ଅନେକ ଦେବତାଙ୍କର ବାହନ ଗଣ ପଶୁପକ୍ଷୀ ଅଟନ୍ତି। ଅନେକ ଦେବତା ପଶୁ ବେଷ୍ଟିତ। ଏମିତି ଶରୀର ସମ୍ବନ୍ଧ ଅନେକ ପଶୁ ଅଙ୍ଗ ସମ୍ବନ୍ଧ। ନୃସିଂହ ସିଂହ ସମ୍ବନ୍ଧ, ଶ୍ରୀ ଗଣେଶ ବା ହସ୍ତୀ ସମ୍ବନ୍ଧ, ହୟଗ୍ରୀବ ଅଶ୍ୱ ସମ୍ବନ୍ଧ, ପଞ୍ଚମୁଖୀ ହନୁମାନ ଏମିତି ପାଞ୍ଚଜୀବର ମସ୍ତକ ସମ୍ବନ୍ଧ, ଶ୍ୱାନ ଭୈବ ଶ୍ୱାନ ସମ୍ବନ୍ଧ, ବରାହ ବରାହୀ ବରାହ ସମ୍ବନ୍ଧ, ଖୋଦ ଶିବର ସମ୍ପୂର୍ଣ୍ଣ ଅବୟବ ଆଇ ବି ପନଙ୍ଗ ଭୂଷଣ ଏସବୁ ଭାବିଲେ ଏହା ମଧ୍ୟରେ ଜଟିଳ ତଥ୍ୟ ରହିଛି। ଦିବ୍ୟାଙ୍ଗ ମାନଙ୍କୁ ଜନ୍ମ ବେଳେ ଘରେ ମାଆ ବାପା ପରିଜନ ଭବିଷ୍ୟତ ଭାବନାରେ ବର୍ତ୍ତମାନ କ୍ରନ୍ଦନ ଦୁଃଖବର୍ତ୍ତା। ଶୁଣା ଯାଉଛି ମାତ୍ର ଦେବତା ଏପରି ଜନ୍ମ ବା ଶରୀର ଧାରୀରେ କେମିତି ଦୁଃଖ ଆସିନାହିଁ। କୌଣସି ଦେବଶକ୍ତି ବିନା କରଣରେ ଅସ୍ତ୍ରଧାରୀ ବା ରୁଷ୍ଟ ହୁଅନ୍ତି ନାହିଁ। ପ୍ରକୃତିର ରୁଦ୍ରକାରୀ ଶକ୍ତି ମୁଣ୍ଡ ଟେକିଲେ ଦେବତା ସଂହାରକୁ ବାହାରେ। ପ୍ରକୃତିର ଶୋଷଣ ପ୍ରକ୍ରିୟାକୁ ଦେବତା ସହାୟକ। ଦେବବୈଦ୍ୟ ଅଶ୍ୱିନୀ କୁମାର ଯଜଜ ଭାଇ ଜଣେ ଔଷଧ ଦ୍ୱାରା ଜଣେ ଅସ୍ତ୍ର ଚିକିତ୍ସକ। ଏହି ଧାରା ମନୁଷ୍ୟ ଚିକିତ୍ସକଙ୍କ ମଧ୍ୟରେ ଦୃଶ୍ୟ। ଏମାନେ ଅଶ୍ୱିନୀ କୁମାର ଅଂଶାଂଶ ଅବତାର କହିଲେ ଭୁଲ ହେବନାହିଁ। ଚୋର ପାଇଁ ପୋଲିସ ଓ ରୋଗ ପାଇଁ ଡାକ୍ତର ଏହା ସର୍ବଦା ଲାଗି ରହିଛି। ନୂତନ କୌଶଳ ଆହରଣ କରି ନିତ୍ୟ ରେଖାକ୍ରିୟା ଘଟାଯାଉଛି ପରେ ପୋଲିସ ସୁରାକ ଧରି ଚୋରକୁ ଗିରଫ କରି ତାଦ୍ୱାରା ଭବିଷ୍ୟତ ଚୋରୀକୁ ରୋକୁଛନ୍ତି। ସେହି ଡାକ୍ତରମାନେ ରୋଗ ଓ ଉପସନକୁ ଅନୁସନ୍ଧାନ କରି ରୋଗୀକୁ ବଞ୍ଚାଇବା ପାଇଁ ଚେଷ୍ଟା କରନ୍ତି। ସଂସାର ସ୍ଥିର ଧାରାକୁ ଦୁର୍ବୁଦ୍ଧ ଲୋକେ ବଦଳାଇଲେ ଅନେକ ପ୍ରକାର କ୍ଷୟକ୍ଷତି ହେଉଛି। ଏ ମଧ୍ୟରେ ଅଚିହ୍ନା ରୋଗ ଆସୁଛି ଯାହା ଆରୋଗ୍ୟ ଅସାଧ। ପ୍ରକୃତିର ସ୍ଥାୟୀତ୍ୱ ସେକଥା ମନୁଷ୍ୟ ବାରମ୍ବାର ବଦଳାଉଛି। ଦୂରପଥରେ ମନୁଷ୍ୟ ବ୍ୟୋମଯାନ ଦ୍ୱାରା ଗମନାଗମନା କରୁଛନ୍ତି। ଏହା ଦ୍ୱାରା ଅନ୍ୟ ଦେଶରୁ ରୋଗ ଏ ଦେଶକୁ ଶୀଘ୍ର ଆସୁଛି। ସାଇବେରିଆର ପକ୍ଷୀ ସିଜିନମୌସ ଆସିଲେ ଅଂଶୁପା ଚିଲିକା ହୀରାକୁଦକୁ ଆସନ୍ତି ଏଥିରେ ବାର୍ଡ଼ଫ୍ଲୁ ରୋଗ ଆସୁଥିଲା ଏଥିରେ ସମ୍ପର୍କୀୟ ହୋଇ କୁଆ, ପାରା, କୁକୁଡା ଆକ୍ରାନ୍ତ ହୋଇ ମରୁଥିଲେ। ମନୁଷ୍ୟ ଏପରି ଭତ୍ତି ଦେଶାନ୍ତରରୁ ରୋଗ ଆସୁଛି। ପୂର୍ବେ ଚଟକଳରେ କାମ କରିବାକୁ ଯାଇ ଛୁଟିରେ ଆସିବା ଲୋକଙ୍କୁ କଲିକତା ଛୁଆଁ ଲାଗୁଥିଲା ଏପାଇଁ ପ୍ରାୟଶ୍ଚିତ ବ୍ୟବସ୍ଥା ଥିଲା ଜେଲଭୋଗୀ କେହି ସ୍ୱଗୃହକୁ ଆସିଲେ ପ୍ରାୟଶ୍ଚିତର ସମ୍ମୁଖୀନ ହେଉଥିଲେ। କଳାପାଣି ପାରି ହେଲେ ଭୀଷଣ ପ୍ରତିବନ୍ଧକ ସମାଜରେ ଶିଖିବାକୁ ହେଉଥିଲେ ଏହାପାଇଁ ଜଟିଳ ପ୍ରାୟଶ୍ଚିତ ବିଧାନ ଥିଲା। ଖାଦ୍ୟରେ ପାନୀୟରେ ଲୋକ ସହିତ ସମ୍ପର୍କରେ ପ୍ରାୟଶ୍ଚିତ ବିଧାନ ଅଛି। ଏହା ଅଣଦେଖା ଯୋଗୁ ଅନେକ ଜଟିଳତା ଦୃଶ୍ୟ। ଔଷଧ ସେବନ ପରିବାରରୁ ଅଲଗା ଦୂରେଇ ରଖିବା ମନାନାହିଁ ମାତ୍ର ପ୍ରାକ୍‌କାଳ ଶାସ୍ତ୍ର ବିଧାନ ଖୋଜି କରାଇବାକୁ ଚେଷ୍ଟା ଆବଶ୍ୟକ। ଏହା ଶରୀରର ରସ ରକ୍ତ ସପ୍ତଧାତୁ ଶୋଧନ କରାଇଥାଏ। ଚନ୍ଦ୍ରଯାନ ଫେରସ୍ତ ନିଲ ଆର୍ମଷ୍ଟ୍ରଙ୍ଗଙ୍କୁ ଅଲଗା ରଖି ଚିକିତ୍ସକମାନେ ପରୀକ୍ଷା ନିରୀକ୍ଷା ଅନୁଧ୍ୟାନ ପରେ ତାଙ୍କ ପରିବାର ଓ ପ୍ରିୟଜନଙ୍କ ସହିତ ମିଶିବାକୁ ଦିଆଯାଇଥିଲା। ମ୍ୟାଲେରିଆ ସିଫ୍‌ଲିବା ରୋଗକୁ ଫରିଙ୍ଗ ରୋଗ କୁହାଯାଏ ଏହାର ରୋଗୀ ପାଇଁ ରୋଗ ଚିକିତ୍ସା ସହିତ ପ୍ରାୟଶ୍ଚିତ କରାଯାଏ। ବର୍ତ୍ତମାନ ୧୪ ଦିନର ବାସନ୍ଦ ପ୍ରକ୍ରିୟା କାହାରି ଘରୁ କେହି ମରିଗଲେ ପାଳନ ଅଶୁଦ୍ଧିରେ ପାଳନ କରାଯାଏ। ଏଥିରେ ପ୍ରାୟଶ୍ଚିତ ପ୍ରକ୍ରିୟା ସମ୍ବନ୍ଧ ଅଛି। ପଞ୍ଚାମୃତ ନପାଇଲେ କୌଣସି ପ୍ରାୟଶ୍ଚିତ ପୂର୍ଣ୍ଣାଙ୍ଗ ହୁଏନାହିଁ। ପଞ୍ଚାମୃତର ପ୍ରସ୍ତୁତି ଉତ୍ତମ ଭାବରେ କରାଯାଇ ଅକାଳ ମୃତ୍ୟୁବରଣ ମନ୍ତ୍ର ହରଣ ଉଚ୍ଚାରଣରେ ପାନକଲେ ରୋଗ ଆଶଙ୍କା ଚାଲିଯିବ। ସମସ୍ତ ହିନ୍ଦୁ ଜନତାଙ୍କର ଗୃହ ଆଗରେ ବୃନ୍ଦାବତୀ ଚୌରା ଅଛି ତାହିଁରେ ଲଗାଇଥିବା ତୁଳସୀ ବହୁରୋଗର ଜୀବାଣୁ ନାଶକାରୀ ଯୋଗୁଁ ଏହାକୁ ଭୁଲନ୍ତୁ ନାହିଁ। କୁଶ ନ ହେଲେ ପୂଜା, ପାର୍ବଣ ଅସମ୍ଭବ କୁଶ ଭିଜାଜଳ ପବିତ୍ର ରୋଗ ନାଶକ। ଏହାକୁ ଭିଜାଇ ବିଶୁଦ୍ଧ ରୂପେ ଗ୍ରହଣ କରାଯାଏ। ଖାଲି ରାଜବିଧିରେ ସମସ୍ତେ ଚାଲିବା ଠିକ ନୁହେଁ, ଧର୍ମ ବିଚାରର ନିୟମ ଅଣଦେଖା କରନ୍ତୁନାହିଁ।

*ସମ୍ପାଦକ 'ବରେଣ୍ୟବାଣୀ', ପିସି ସରକାର ଲେନ, ଅରୁଣୋଦୟ ନଗର, କଟକ*

*ଦୂରଭାଷ : ୯୪୩୭୦୩୧୨୫୩*

# ନୂଆ ଗର୍ଭପାତ ଆଇନ



ଡାକ୍ତର କାନ୍ତୀ ନାୟକ

ଗର୍ଭ ନଷ୍ଟ କରିବାର ସମୟ ସୀମାକୁ ଚାରି ସପ୍ତାହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗର୍ଭପାତ ସଂଶୋଧନ ବିଲ୍ - ୨୦୨୦ ଉପରେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ସଂସଦର ଆଗାମୀ ଅଧିବେଶନରେ ଏହି ବିଲ ଉପସ୍ଥାପନ କରାଯିବ। ଏହାଫଳରେ ଆଗାମୀ ଦିନରେ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କ ଗର୍ଭକୁ ୨୪ ସପ୍ତାହ ମଧ୍ୟରେ ନଷ୍ଟ କରିପାରିବେ। ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ। ତେବେ ଏହି ୨୪ ସପ୍ତାହର ସମୟସୀମା କେବଳ ବିଶେଷ କ୍ଷେତ୍ରରେ ଲାଗୁ ହେବ। ଦୁଷ୍କର୍ମ ପୀଡ଼ିତା, ରୋଗଗ୍ରସ୍ତ ମହିଳା ଓ ଅବାଞ୍ଛିତ ଗର୍ଭଧାରଣକୁ ନଷ୍ଟ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି। ପୂର୍ବରୁ ଗର୍ଭ ନଷ୍ଟ କରିବାର ଆଇନଗତ ସମୟସୀମା ୨୦ ସପ୍ତାହ ରହିଥିଲା। ବୁଧବାରର କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି କି ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ସଂଶୋଧନ ବିଲ ୨୦୨୦କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଫଳରେ ୧୯୭୧ ମସିହା ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ଆଇନରେ ସଂଶୋଧନ କରିବାର ରାସ୍ତା ସଫା ହୋଇଛି। ଏହି ବିଲକୁ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ବିଲ ଗୃହୀତ ହେଲେ ମହିଳାମାନେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିବାକୁ ଆଇନଗତ ଭାବେ ଅଧିକାର ପାଇବେ। ତେବେ ଏହା ପୂର୍ବରୁ ୨ଜଣ ଡାକ୍ତରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ସରକାରୀ ଡାକ୍ତର ହୋଇଥିବା ଦରକାର। ସୂଚନାଯୋଗ୍ୟ କି ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଯିବାବେଳେ ପ୍ରସୂତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେବେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କଲେ ଏହା ସୁରକ୍ଷିତ ହୋଇପାରିବ ବୋଲି କୁହାଯାଉଛି। ଏହି ସଂଶୋଧିତ ବିଲ ଫଳରେ ଦୁଷ୍କର୍ମ ପୀଡ଼ିତା ଓ ନାବାଳିକା ଗର୍ଭବତୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ। ଅନେକ ସମୟରେ ବେଆଇନ ଭାବେ ଲୁଚାଛପାରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଯାଉଥିବାରୁ ଜଣେ ଯୁବତୀ ପରବର୍ତ୍ତୀ ସମୟରେ ମା'ହୋଇ ପାରୁନାହାନ୍ତି। ତେଣୁ ଏହି ନୂଆ ଆଇନ ଫଳରେ ଏବେ ଏହି ବିପଦ ମଧ୍ୟ ଆଉ ରହିବନାହିଁ। ସୂଚନାଯୋଗ୍ୟ କି ଗତବର୍ଷ ଗର୍ଭପାତ ସମୟସୀମା ବୃଦ୍ଧି କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କୁ କୁହାଯାଇଥିଲା କି ଗର୍ଭପାତ ସମୟସୀମାକୁ ୨୦ ସପ୍ତାହରୁ ୨୪ କିମ୍ବା ୨୬ ସପ୍ତାହ କରିବା ପାଇଁ ବିଚାରବିମର୍ଶ ଆରମ୍ଭ କରାଯାଉଛି। ଅମିତ ଶାହିନ ନାମକ ଯୁବକ ତାଙ୍କ ଜନସ୍ୱାର୍ଥ ମାମଲାରେ କହିଥିଲେ ଯେ ମହିଳାମାନେ ଗର୍ଭଧାରଣ ପରେ ସମାଜରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଭଳି ଭାବେ ଗର୍ଭ ଧାରଣର କ୍ଷମତା ମହିଳାଙ୍କ ପାଖରେ ରହିଛି, ଠିକ୍ ସେହିପରି ଗର୍ଭ ନଷ୍ଟ କରିବାର କ୍ଷମତା ମଧ୍ୟ ମହିଳାଙ୍କ ପାଖରେ ରହିବା ଦରକାର ବୋଲି ସେ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ କି ନେପାଳ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରିଆ, ଇଥିଓପିଆ, ଇଟାଲୀ, ସ୍ପେନ, ଆଇସଲ୍ୟାଣ୍ଡ, ନରୱେ, ଫିନଲ୍ୟାଣ୍ଡ, ସ୍ୱିଡ଼େନ ଓ ସ୍ୱିଜରଲ୍ୟାଣ୍ଡ ଭଳି ଦେଶର ଗର୍ଭପାତ କରିବାର ସମୟସୀମା ୨୦ ସପ୍ତାହରୁ ଅଧିକ ରହିଛି। ସେହିପରି ଡ଼େନମାର୍କ, ଘାନା, କ୍ୟାନାଡା, ଜର୍ମାନୀ, ଭିଏତନାମ ଓ ଜିମ୍ବାୱେ ଭଳି ଦେଶରେ ଯେ କୌଣସି ସମୟରେ ଗର୍ଭପାତ କରିବାକୁ ଅନୁମତି ଦିଆଯାଇଛି।


ଗର୍ଭାବସ୍ଥାର କିଛି ସପ୍ତାହ ମଧ୍ୟରେ ଭ୍ରୂଣକୁ ନଷ୍ଟ କରାଯିବା ପ୍ରକ୍ରିୟାକୁ କୁହାଯାଏ ଗର୍ଭପାତ । ଭାରତରେ ପ୍ରଚଳିତ ଏମଟିପି ଆକ୍ଟ ଅନୁଯାୟୀ କେଉଁ ପରିସ୍ଥିତିରେ ଗର୍ଭପାତ ହୋଇପାରିବ, କିଏ ଗର୍ଭପାତ କରିବେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ଓ ସର୍ତ୍ତ ବ୍ୟବସ୍ଥା ରହିଛି । ତଥାପି ଅଜ୍ଞତାବଶତଃ ବହୁ ମହିଳା ବିନା ଡାକ୍ତରୀ ପରାମର୍ଶରେ ଅସୁରକ୍ଷିତ ଉପାୟରେ ଗର୍ଭପାତ କରୁଛନ୍ତି । ଯାହାଦ୍ୱାରା କେତେକ କ୍ଷେତ୍ରରେ ଗର୍ଭସ୍ଥ ଶିଶୁସହ ମାଆର ବି ମୃତ୍ୟୁ ହୋଇଥାଏ । ମାତୃତ୍ୱର ପ୍ରଥମ ପର୍ଯ୍ୟାୟ ହେଉଛି ଗର୍ଭାବସ୍ଥା । କୁହାଯାଏ ଯେ ଗର୍ଭାବସ୍ଥାରେ ନାରୀଟିର ମୁହଁରୁ ମାତୃତ୍ୱର ଆଭା ଖୁବ୍ ସୁନ୍ଦର ଭାବରେ ଫୁଟି ଉଠୁଥାଏ । କିନ୍ତୁ ଆମ ଦେଶରେ ଏହି ମାତୃତ୍ୱର ପ୍ରଥମ ପର୍ଯ୍ୟାୟଟିରେ ହିଁ ଲକ୍ଷ ଲକ୍ଷ ମହିଳା ସବୁଦିନ ପାଇଁ ଆଖି ବୁଜିଥାନ୍ତି । ପ୍ରାକୃତିକ ଭାବେ ଯଥା ଶାରୀରିକ ଅସୁସ୍ଥତା, ଦୂରଯାତ୍ରା, ଭାରୀ ଓଜନ ଉଠାଇବା ଇତ୍ୟାଦି କାରଣରୁ ମିସ୍‌କ୍ୟାରେଜ୍ ହୋଇଥାଏ । ଆଉ କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାର ଶାରୀରିକ ସ୍ଥିତି ଓ ଅବସ୍ଥାକୁ ଲକ୍ଷ୍ୟ କରି ଡାକ୍ତରଙ୍କ ପରାମର୍ଶରେ ହିଁ ଗର୍ଭସ୍ଥ ଭ୍ରୂଣଟିର ନଷ୍ଟ କରାଯାଇଥାଏ । ଏହା ବ୍ୟତୀତ ଆଉ କେତେକ କାରଣ ଯଥା ଗର୍ଭଧାରଣ ଯୋଗୁଁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ଥିଲେ ଶିଶୁଟିର ଜନ୍ମ ପରେ ବିକଳାଙ୍ଗ ହେବାର ଆଶଂକା ଥିଲେ ବା କେତେକ କ୍ଷେତ୍ରରେ ଗର୍ଭରେ ଥିବା ଏକରୁ ଅଧିକ ପିଲାର କାରଣରୁ ଡାକ୍ତରଙ୍କ ପରାମର୍ଶରେ ଗର୍ଭପାତ କରାଯାଇଥାଏ । ଯାହାକୁ ଥେରାପେଟିକ୍ ଆବର୍ସନ କୁହାଯାଏ । ସେହିପରି କେତେକ ମହିଳାଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବ୍ୟବସ୍ଥା ବିଫଳ ହେଲେ ଇତ୍ୟାଦି କାରଣରୁ ଗର୍ଭପାତ କରାଯାଇଥାଏ, ଯାହାକୁ ଇଲେକ୍ଟିଭ୍ ଆବର୍ସନ କୁହାଯାଏ ।

୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମେଡ଼ିକାଲ ଟର୍ମିନେସନ୍ ଅଫ୍ ପ୍ରେଗେନାନ୍ସି ବା ଏମଟିପି ଆକ୍ଟ କାର୍ଯ୍ୟକାରୀ ହେଲା । ଗର୍ଭବତୀ ମହିଳା କିମ୍ବା ଗର୍ଭସ୍ଥ ଶିଶୁର ଜୀବନ ହାନି ପରି ପରିସ୍ଥିତି ଉପୁଜିଲେ ଗର୍ଭପାତ କରାଯାଇଥାଏ । ସେହିପରି ଅଲଟ୍ରା ସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁଟି ଯଦି ବିକଳାଙ୍ଗ ବୋଲି ଜଣାପଡ଼େ କିମ୍ବା ଧର୍ଷଣର ଶିକାର ଦ୍ୱାରା ଗର୍ଭବତୀ କାରଣ, ଅପରିପକ୍ୱ ବାଳିକାଙ୍କ କ୍ଷେତ୍ରରେ ଏହିପରି କିଛି କାରଣକୁ ନେଇ ସାମାଜିକ ଦୃଷ୍ଟିକୋଣରୁ ଗର୍ଭପାତ ଆଇନ ସମ୍ମତ । ତେବେ ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ହିଁ ସବୁ ଦିଗରୁ ବିଚାର କରି ନିଷ୍ପତ୍ତି ନେଇଥାନ୍ତି । ଗର୍ଭନିରୋଧ ବ୍ୟବସ୍ଥା ବିଫଳ ହେଲେ ବାର ସପ୍ତାହ ମଧ୍ୟରେ ଗର୍ଭପାତ କରାଯାଇଥାଏ । କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ବାରରୁ କୋଡିଏ ସପ୍ତାହ ମଧ୍ୟରେ ଗର୍ଭପାତ ଆଇନ ସମ୍ମତ ହୋଇଥାଏ । ଜୀବନ ପ୍ରତି ବିପଦ ଥିବା କାରଣରୁ ଏହି ସମୟରେ ଗର୍ଭପାତ ନିହାତି ଆବଶ୍ୟକ ହୋଇଥାଏ । ଏକ ପରିସଂଖ୍ୟନରୁ ଜଣାଯାଇଛି ଯେ, ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ପଚିଶ ପ୍ରତିଶତ ଗର୍ଭବତୀଙ୍କ ଗର୍ଭାବସ୍ଥାରେ ହିଁ ମୃତ୍ୟୁ ହୋଇଥିବାବେଳେ ସଂକ୍ରମଣ କାରଣରୁ ପନ୍ଦର ପ୍ରତିଶତ, ଅସୁରକ୍ଷିତ ଗର୍ଭପାତ କାରଣରୁ ତେର ପ୍ରତିଶତ, ଅସହ୍ୟ ପ୍ରସବ ବେଦନା ପାଇଁ ଆଠ ପ୍ରତିଶତ, ଏକ୍ଲାମ୍ପସିଆ କାରଣରୁ ବାର ପ୍ରତିଶତ, ଅନ୍ୟାନ୍ୟ ପରିପାର୍ଶ୍ୱିକ କାରଣ ପାଇଁ ଆଠ ପ୍ରତିଶତ ଓ ପରୋକ୍ଷ କାରଣ ପାଇଁ ଉଣେଇଶ ପ୍ରତିଶତ ଗର୍ଭବତୀ ଆଖି ବୁଜିଥାନ୍ତି । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ସାରା ବିଶ୍ୱରେ ପାଖାପାଖି କୋଡିଏ ନିୟୁତ ଅସୁରକ୍ଷିତ ଗର୍ଭପାତ ହୋଇଥାଏ । ଏହା ମଧ୍ୟରୁ ସତାନବେ ପ୍ରତିଶତ ବିକାଶୋନ୍ମୁଖୀ ଦେଶମାନଙ୍କରେ ହୋଇଥାଏ । ଯାହାଦ୍ୱାରା ପ୍ରତିବର୍ଷ ଅନୁନ୍ୟ ଅଢ଼ଷଠି ହଜାର ମହିଳାଙ୍କ ମୃତ୍ୟୁ ହୋଇଥାଏ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ସାରା ବିଶ୍ୱରେ ଯେତେ ମାତୃମୃତ୍ୟୁ ହାର ହେଉଛି ସେଥିମଧ୍ୟରୁ ତେର ପ୍ରତିଶତ ଅସୁରକ୍ଷିତ ଗର୍ଭପାତ ଯୋଗୁଁ ହୋଇଥାଏ । ସେହିପରି ପାଞ୍ଚ ନିୟୁତ ମହିଳା ଶାରୀରିକ ତଥା ମାନସିକ ଭାବେ ଭିନ୍ନକ୍ଷମ ପାଲଟି ଯାଉଛନ୍ତି ।

ସ୍ୱାସ୍ଥ୍ୟ, ଶିକ୍ଷାର ଅଭାବ, ଜନ୍ମ ନିୟନ୍ତ୍ରଣ ତଥା ଅନୁନ୍ନତ ସ୍ୱାସ୍ଥ୍ୟ ସେବା ଗର୍ଭପାତ ଦ୍ୱାରା ହେଉଥିବା ମୃତ୍ୟୁର ପ୍ରମୁଖ କାରଣ । ସେହିପରି ଗର୍ଭପାତକୁ ଆଇନ ସମ୍ମତ କରାନଯିବା ଯୋଗୁଁ ମଧ୍ୟ ସମସ୍ୟା ଦେଖାଯାଇଥାଏ । ଯେଉଁ ଦେଶ ମାନଙ୍କରେ ଗର୍ଭପାତକୁ ଆଇନତଃ ସ୍ୱୀକୃତି ମିଳିନାହିଁ ସେଠାରେ ଅଧିକ ପରିମାଣରେ ଅସୁରକ୍ଷିତ ଗର୍ଭପାତ କରାଯାଉଥିବାର ଜଣାଯାଏ । ସେହିପରି ଅନେକ ସମୟରେ ଗର୍ଭନିରୋଧ ବଟିକାର ବ୍ୟବହାର ସମ୍ପର୍କରେ ନ ଜାଣିବା ଅସୁରକ୍ଷିତ ଗର୍ଭପାତର କାରଣ ପାଲଟିଥାଏ । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ଆଧୁନିକ ପରିବାର ନିୟନ୍ତ୍ରଣ ଓ ଗର୍ଭବତୀ ମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଗଲେ ଗର୍ଭପାତ ଜନିତ ମୃତ୍ୟୁହାରକୁ ବାର୍ଷିକ ପାଖାପାଖି ୭୫ପ୍ରତିଶତ କମାଇ ଦିଆଯାଇପାରନ୍ତା । ଗର୍ଭପାତ ଶାରୀରିକ ସମସ୍ୟା ଓ ଗର୍ଭସ୍ଥ ଶିଶୁପାଇଁ ବିପଦର କାରଣ ଥିଲେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞମାନେ ସବୁ ଦିଗକୁ ବିଚାର କରି ଗର୍ଭପାତ କରିଥାନ୍ତି । ତେବେ ଗର୍ଭପାତ ପାଇଁ ମନ ନବଳାଇ ବରଂ ସୁରକ୍ଷିତ ଶିଶୁଟିକୁ ନୂତନ ଆଲୋକ ଦେଖାଇବା ପାଇଁ ଗର୍ଭବତୀମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ।

*ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*

*ଦୂରଭାଷ : ୯୪୩୭୬୬୬୪୫୩*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ଅପୈଶୁନମ : –**

ଅପୈଶୁନମର ଅର୍ଥ ହେଲା କାହାର ପିଠି ପଛରେ ତା'ର ଖରାପ ନ କରିବା। ଉକ୍ଟ'ଭକ୍ଟ ସୟକ୍ଷର ଶକ୍ଟକ୍ସଶ୍ୱଷସକ୍ତ୍ର, ଝମବଭୟବକ୍ଷ ଭବମଳ ଭସଶଷଶ୍ୱସଭଶ. ଅର୍ଥାତ ଖାଲିରେ ଗପ କରନାହିଁ। କାହାର କାହା ପାଇଁ ଅପଶବ୍ଦ କୁହନା କି ଚୁଗୁଲି କରନା। ଏହି ଚୁଗୁଲି ବଳ ଭୟଙ୍କର ଅଟେ। ଉଦାହରଣ ନିଆଯାଉ ଯେ, ଜଣେ ଦମ୍ପତି ଖୁବ୍ ଖୁସିରେ ଦିନ ବିତାଉଛନ୍ତି। କେହି ବ୍ୟକ୍ତି ଯାଇ ପତି ଆଗରେ କହେ ଯେ, ତୁମେ ଅଫିସ ଯିବା ପରେ ଜଣେ ଯୁବକ ଆସି ତୁମ ସ୍ତ୍ରୀ ସାଥେ କଥା ହେଉଛି ଇତ୍ୟାଦି ଇତ୍ୟାଦି। ସେତିକିରେ ଡ୍ରାମା ଆଗକୁ କଣ ହେବ ଆପଣ ଚିନ୍ତା କରିପାରିବେ। ଥରେ ଯଦି ଭ୍ରମ କଥା ମୁଣ୍ଡରେ ପଶିଲା ତାର ଚିକିତ୍ସା ବଡ ବଡ ଡାକ୍ତରଙ୍କ ପାଖରେ ବି ନାହିଁ।

ଥରେ ଛୁଞ୍ଚି ଆଉ ଚାଲୁଣୀ ଭେଟ ହେଲେ। ଚାଲୁଣୀ କହିଲା ତୁ ବହୁତ ସୁନ୍ଦର ହେଲେ ତୋ ପଛରେ ଗୋଟେ କଣା ଯେଉଁଟା ଠିକ୍ ଲାଗୁନି। ଛୁଞ୍ଚି କହିଲା ମୋ ପଛରେ କଣା ରହିଲେ ରହୁ। ସେହି କଣା ସାହାଯ୍ୟରେ ମୁଁ ଅନ୍ୟ ମାନଙ୍କର କଣାକୁ ବନ୍ଦ କରୁଛି। କିନ୍ତୁ ତୁ? ତୁ ନିଜ ଶରୀରକୁ ଦେଖେ ସେଥିରେ କେତେ କଣା। ତୁ ସେଥିରେ ଗୌରବ ନେଉଛୁ। ଆଲୋ ସେହି କଣା ଗୁଡିକରେ ସାର ବାହାରିଯାଏ ଖାଲି ଅଳିଆ ଯାହା ତୋ ପାଖେ ରହିଯାଏ। ତେବେ ବାସ୍ତବରେ ଆମେ ଏକ କ୍ଷଣ ଏକାନ୍ତରେ ବସି ନିଜକୁ ଜାଣିବାକୁ ପ୍ରୟତ୍ନ କରିବା। ସେତେବେଳେ ଆମକୁ ଅନ୍ୟର ଦୋଷ ଦେଖାଯିବନାହିଁ। ପରନ୍ତୁ ନିଜ ସ୍ୱରୂପର ଦର୍ଶନ ହୋଇଯିବ।

ନିନ୍ଦା ଅପପ୍ରଚାର କରି ବ୍ୟକ୍ତି, ପରିବାର, ସମାଜ, ପ୍ରଦେଶ, ରାଷ୍ଟ୍ରରେ ନିଆଁ ଲଗାଇବା ସହଜ ହୋଇଥାଏ। ଆମେ ଏହାର ଉଦାହରଣ ରୋଜ ଦେଖିବାକୁ ପାଉଛେ। ଏହି ଅପପ୍ରଚାର କାରଣରୁ ଅଶାନ୍ତି ଏବଂ ଉପଦ୍ରବ ଲାଗିରହୁଛି। ଆମେ ଦେଖିବା ଯେତେବେଳେ ଦୁଇ ବ୍ୟକ୍ତି ଏକାଠି ହୁଅନ୍ତି ସେତେବେଳେ ତୃତୀୟ ବ୍ୟକ୍ତି କାହାର ନିନ୍ଦା ହିଁ କରିଥାନ୍ତି। ତୃତୀୟ ବ୍ୟକ୍ତିର ପ୍ରଶଂସାରେ କାହାର ରୁଚି ନଥାଏ। ମିଥ୍ୟା ଗୁଜବରେ ହଁ ରେ ହଁ ମାରିବା ପାଇଁ ପୁରା ଗାଁ ଏକାଠି ହୋଇଯାଆନ୍ତି। ଏପରି ନିନ୍ଦୁକ ବ୍ୟକ୍ତି ସମାଜ ଉପରେ ଏକ ବୋଝ ଅଟେ। ସେ ସମାଜ ପାଇଁ ଅଭିଶାପ ଅଟେ। ସେମାନଙ୍କର ଏଭଳି ମାନସିକତା ସମାଜରେ ବିଶୃଙ୍ଖଳା ସୃଷ୍ଟି କରି ଝଗଡା ଉତ୍ପନ୍ନ କରାଇଥାଏ। ଏଭଳି ଚୁଗୁଲି ଖୋରଙ୍କୁ ସର୍ପ ସଙ୍ଗେ ତୁଳନା କରାଯାଏ। କାହିଁକିନା ସର୍ପ ଅକାରଣରେ ଲୋକଙ୍କୁ ଦଂଶନ କରିଥାଏ। ଚୁଗୁଲିଖୋର ବ୍ୟକ୍ତି ଛୋଟ ସ୍ୱାର୍ଥ ପାଇଁ କାହାର ହୃଦୟ, କାହାର ଘର ବରବାଦ କରିବାରେ ଲଜ୍ଜ୍ୟା ସରମ ଅନୁଭବ କରନ୍ତିନାହିଁ। କାହାର ହୃଦୟ ଭାଙ୍ଗିଲେ କିମ୍ବା ଘର ଭାଙ୍ଗିଲେ ଲୋକଙ୍କୁ ଦେଖିବାକୁ ବହୁ ଆନନ୍ଦ ମିଳେ। ଜଗତରେ ଏପରି ଚୁଗୁଲିଖୋରୀଙ୍କୁ ବଡ ସାମାଜିକ ଅପରାଧି ବୋଲି ବୁଝିବା ଉଚିତ। ଯାହାର ଚୁଗୁଲି କରିବା ଅଭ୍ୟାସ ତାକୁ ଅନ୍ୟ ପାପ କରିବା ଆବଶ୍ୟକତା ନାହିଁ।

(କ୍ରମଶଃ)

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
ଭୁବନେଶ୍ୱର, ୨୦ - ୨୬ ଏପ୍ରିଲ, ୨୦୨୦
ପରିକ୍ରମା

## ଆଇଏମ୍ଏଫ୍‌ର ଆକଳନ

# ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି କମିବ

**ନୂଆଦିଲ୍ଲୀ :** ବିଶ୍ୱବ୍ୟାପୀ କରୋନା ସଂକ୍ରମଣର ପ୍ରଭାବକୁ ନେଇ ବିଶ୍ୱ ଅର୍ଥନୀତି ମାତ୍ରାଧିକ ପ୍ରଭାବିତ ହୋଇଛି। ଯାହାକୁ ନେଇ ଆଗାମୀ ଦିନରେ ବିଶ୍ୱ ଅଭିବୃଦ୍ଧି ଭାରୀ ମାତ୍ରାରେ ପ୍ରଭାବିତ ହେବାକୁ ଯାଉଛି ବୋଲି ଆନ୍ତର୍ଜାତିକ ମୁଦ୍ରାକୋଷ(ଆଇଏମ୍ଏଫ୍) ପକ୍ଷରୁ ଏକ ଆକଳନଭିତ୍ତିକ ରିପୋର୍ଟ ପ୍ରକାଶ କରାଯାଇଛି। ଚଳିତବର୍ଷ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧିରେ ୩ ପ୍ରତିଶତ ହ୍ରାସ ଘଟିବ ବୋଲି ଆଇଏମ୍ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପିନାଥନ୍ କହିଥିଲାବେଳେ ବିଶ୍ୱ ମାନ୍ଦାବସ୍ଥାକୁ ନେଇ ବିଗତ ୧୦ ବର୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ସ୍ଥିତି ତୁଳନାରେ ସାମ୍ପ୍ରତିକ ଆର୍ଥିକ ସ୍ଥିତି ଆହୁରି ଶୋଚନୀୟ ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ଆଇଏମ୍ଏଫ୍ ପକ୍ଷରୁ ପ୍ରକାଶ କରାଯାଇଥିବା ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍‌ର 'ଦି ଗ୍ରେଟ୍ ଲକ୍‌ଡାଉନ୍' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ଅର୍ଥନୀତି ବ୍ୟବସ୍ଥାକୁ ନେଇ ପୂର୍ବରୁ ଏଭଳି ସ୍ଥିତି କେବେ ବି ଦେଖାଯାଇନଥିଲା। କରୋନା ସଂକ୍ରମଣ ପ୍ରଭାବକୁ ନେଇ ବର୍ତ୍ତମାନ ଯେଉଁ ସ୍ଥିତି ଉପୁଜିଛି ତାହା ଅତ୍ୟନ୍ତ ସଙ୍କଟଜନକ। ଏହାଦ୍ୱାରା ଆନ୍ତର୍ଜାତିକ ଆର୍ଥିକ ବ୍ୟବସ୍ଥା ଭାରୀ ମାତ୍ରାରେ ପ୍ରଭାବିତ ହେବା ସହିତ ବିଶ୍ୱର ସାମଗ୍ରିକ ଅଭିବୃଦ୍ଧିରେ ୩ ପ୍ରତିଶତ ହ୍ରାସ ଘଟିବ। ସାରା ବିଶ୍ୱରେ ସୁଧାର ଆସିବା ଲାଗି ପ୍ରାୟ ଏକ ବର୍ଷରୁ ଅଧିକ ସମୟର ଆବଶ୍ୟକତା ରହିଥିବାବେଳେ ଆସନ୍ତାବର୍ଷ ଅର୍ଥନୀତି ବ୍ୟବସ୍ଥାରେ ଆଂଶିକ ପରିବର୍ତ୍ତନ ଘଟିପାରେ ବୋଲି ଆଇଏମ୍ଏଫ୍ ପକ୍ଷରୁ ଆକଳନ କରାଯାଇଛି। ସାମ୍ପ୍ରତିକ ସ୍ଥିତିରେ




ସବୁକ୍ଷେତ୍ରର ସ୍ଥିତିକୁ ନେଇ ଆକଳନ କରିବା ଏକ ପ୍ରକାର କଷ୍ଟସାଧ ବ୍ୟାପାର ହୋଇଥିଲେ ହେଁ ହାରାହାରି ଭାବେ ଆଇଏମ୍ଏଫ୍ ପକ୍ଷରୁ ଏହି ଆକଳନ କରାଯାଇଥିବା କୁହାଯାଇଛି। ତେବେ ଆସନ୍ତା ଦୁଇ ବର୍ଷ ମଧ୍ୟରେ ବିଶ୍ୱ ଅଭିବୃଦ୍ଧି ପ୍ରକ୍ରିୟାରେ ଅନ୍ୟୂନ ୯ ଟ୍ରିଲିୟନ ଡଲାର ବା ୯ ଲକ୍ଷ କୋଟି ଡଲାର ହ୍ରାସ ପାଇବ। ଯାହାକି ବିଶ୍ୱର ଦୁଇ ପ୍ରମୁଖ ଅର୍ଥନୀତି ଜାପାନ ଏବଂ ଜର୍ମାନୀ ଭଳି ରାଷ୍ଟ୍ରର ମୋଟ ଜିଡିପି ସହ ସମାନ ହେବ ବୋଲି ଗୀତା ଗୋପୀନାଥନ୍ କହିଛନ୍ତି। ତେବେ କରୋନା ଭାଇରସ୍ ଦ୍ୱାରା ପ୍ରଭାବିତ ବିର୍ଧ୍ୱସ୍ତ ବିଶ୍ୱ ଅର୍ଥନୀତି ବ୍ୟବସ୍ଥାର ଭୟଙ୍କର ଦୃଷ୍ଟିକୋଣକୁ ନେଇ କୌଣସି ବିଷୟ ଉଲ୍ଲେଖ କରାଯାଇ ନାହିଁ। ବିଶ୍ୱର ଅଭିବୃଦ୍ଧି ପୂର୍ବାନୁମାନକୁ ନେଇ ଏବେ ଚରମ ଅନିଶ୍ଚିତତା ଲାଗି ରହିଛି। କାରଣ ଅର୍ଥନୀତି ବ୍ୟବସ୍ଥାର ବିଭିନ୍ନ ଦିଗରେ ଏବେ ଅବନତି ଜାରି ରହିଥିଲାବେଳେ ସଂକ୍ରମଣର ଅବଧିକୁ ନେଇ ବିଶ୍ୱ ଯୋଗାଣ ଶୃଙ୍ଖଳ ସମେତ ଋଣ ବଜାର, ସାମଗ୍ରୀ ମୂଲ୍ୟ ପ୍ରଭାବ ଏବଂ ଗ୍ରାହକଙ୍କ ଆଚରଣରେ ପରିବର୍ତ୍ତନକୁ ଦୃଷ୍ଟିରେ ରଖାଯାଇଥିବା କୁହାଯାଇଛି। ଆଇଏମ୍ଏଫ୍ ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ, ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ କରୋନା ସଂକ୍ରମଣ ଅଧିକାଂଶ ଦେଶରେ ଶିଖରରେ ପହଞ୍ଚିବ ଏବଂ ବର୍ଷର ଦ୍ୱିତୀୟାର୍ଦ୍ଧରେ ଦୁର୍ବଳ ହୋଇଯିବ। ତୃତୀୟ ତ୍ରୈମାସିକ ପର୍ଯ୍ୟନ୍ତ ଏହି ମହାମାରୀର ପ୍ରଭାବ ବିଶ୍ୱ ଅର୍ଥନୀତି ବ୍ୟବସ୍ଥାକୁ ସଙ୍କୁଚିତ କରିବା ସହିତ ହାରାହାରି ଅଭିବୃଦ୍ଧିରେ ୩ ପ୍ରତିଶତ ହ୍ରାସ ଆଣିବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆଇଏମ୍ଏଫ୍ ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜର୍ଜିଏଭା ଗତ ସପ୍ତାହରେ କହିଥିଲେ ଯେ ଅର୍ଥନୈତିକ ପତନକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ୮ ଟ୍ରିଲିୟନ ଡଲାରର ଆର୍ଥିକ ପ୍ରୋତ୍ସାହନ ପର୍ଯ୍ୟାପ୍ତ ନୁହେଁ। କରୋନା ସଂକ୍ରମଣର ପ୍ରଭାବକୁ ନେଇ ବିଶେଷତଃ ଗରିବ ଏବଂ ବିକାଶଶୀଳ ରାଷ୍ଟ୍ରମାନେ ଅଧିକାଂଶ ଭାବେ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଥିବାରୁ ସେମାନଙ୍କ ପାଇଁ ଅଧିକ ଋଣ ଛାଡ଼ ପାଇଁ ସେ ଏହି ସପ୍ତାହରେ ଯୁକ୍ତି କରିବେ ବୋଲି ଆଶା କରାଯାଉଛି। ୨୦୨୧ରେ ଚୀନ୍ ଅର୍ଥନୀତି ୯.୨ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଇଏମ୍ଏଫ୍ କହିଥିଲାବେଳେ ଭାରତର ୨୦୨୦ ଆର୍ଥିକ ବର୍ଷର ଅଭିବୃଦ୍ଧି ମଧ୍ୟ ସକାରାତ୍ମକ ରହିବା ନେଇ ଆଶା କରାଯାଉଛି। କିନ୍ତୁ ଲାଟିନ୍ ଆମେରିକୀୟ ଅର୍ଥନୀତିରେ ୫.୨ ପ୍ରତିଶତ ହ୍ରାସ ପାଇବ ବୋଲି ଆଇଏମ୍ଏଫ୍ ପକ୍ଷରୁ କୁହାଯାଇଛି।

## ୨ ଶହ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ




**ବାରିପଦା :** ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକ୍ଷମ ହୋଇଛି କୋଭିଡ଼୍ ହସପିଟାଲ। ଓଡ଼ିଶା ଖଣି ନିଗମ, କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ମେଡ଼ିକାଲ ସାଇନସ୍(କିମ୍‌ସ) ଭୁବନେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ କୋଭିଡ଼୍-୧୯ର ସଫଳ ମୁକାବିଲା ପାଇଁ ଜିଲ୍ଲାର ସଦର ମହକୁମା ବାରିପଦା ଉପକଣ୍ଠ ବାରିପଦା ବ୍ଲକର ବାଙ୍କିଶୋଳସ୍ଥିତ କିସ୍ କ୍ୟାମ୍ପସ ପରିସରରେ ୨ ଶହ ଶଯ୍ୟା ବିଶିଷ୍ଟ କୋଭିଡ଼୍ ହସପିଟାଲକୁ ଆଜି ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଲୋକାର୍ପିତ କରାଇଛନ୍ତି। ଉକ୍ତ ଚିକିତ୍ସାଳୟର ପରିଚାଳନା ଦାୟିତ୍ୱ କିମସ୍ ହାତରେ ନ୍ୟସ୍ତ କରାଯାଇଥିବା ବେଳେ ଏଥିରେ ଅତ୍ୟାଧୁନିକ ମେଡ଼ିକାଲ ଯନ୍ତ୍ରପାତି ସହିତ ୧୮୦ଟି ଆଇସୋଲେସନ ଶଯ୍ୟା ଓ ୨୦ଟି ଆଇସିୟୁର ବ୍ୟବସ୍ଥା ରହିଛି । ଏଠାରେ କରୋନା ଡ଼ା ସୁଧୀର ଶତପଥୀଙ୍କ ନେତୃତ୍ୱରେ କିମ୍‌ସର ଡ଼ାକ୍ତର, ନର୍ସ, ଫାର୍ମାସିଷ୍ଟ, ବାୟୋମେଡ଼ିକାଲ୍, ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର, ହାଉସକିପିଙ୍ଗ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ମିଶାଇ ପ୍ରାୟ ୬୦ରୁ ଅଧିକଙ୍କୁ ବାଙ୍କିଶୋଳ ସ୍ୱତନ୍ତ୍ର କୋଭିଡ଼୍ ହସପିଟାଲରେ ଯୋଗ ଦେଇଛନ୍ତି। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ କୋଭିଡ଼୍-୧୯ ସଂକ୍ରମିତ ରୋଗୀମାନଙ୍କୁ ମାଗଣାରେ ସମସ୍ତ ପ୍ରକାରର ଚିକିତ୍ସା ଯୋଗାଇ ଦିଆଯିବ ଏବଂ ମୟୂରଭଞ୍ଜ ଜିଲ୍ଲାରେ କରୋନା ମୁକାବିଲା କ୍ଷେତ୍ରରେ ବିଶେଷ ଭାବେ ସହାୟକ ହେବ ବୋଲି ଜିଲ୍ଲାପାଳ ଶ୍ରୀଭରଦ୍ୱାଜ ପ୍ରକାଶ କରିଥିବା ସମୟରେ କିମ୍‌ସ ମେଡ଼ିକାଲର ସିଇଓ ବିଷ୍ଣୁପ୍ରସାଦ ପାଣିଗ୍ରାହୀ, ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ବିବେକାନନ୍ଦ ସାହୁ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ରୂପଭାନୁ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଏହି କୋଭିଡ଼୍ ହସପିଟାଲରେ ପ୍ରଥମ ପର୍ଯ୍ୟାୟରେ ଡ଼ାକ୍ତ ସୁଧୀର ଶତପଥୀଙ୍କ ନେତୃତ୍ୱରେ ପ୍ରାୟ ୨୦ ଜଣ ଅଭିଜ୍ଞ ଡ଼ାକ୍ତରଙ୍କ ସମେତ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ନର୍ସ, ଫାର୍ମାସିଷ୍ଟ, ବାୟୋମେଡ଼ିକାଲ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର, ହାଉସକିପିଙ୍ଗ ଆଦି କର୍ମଚାରୀମାନଙ୍କୁ ମିଶାଇ ପ୍ରାୟ ୬୦ରୁ ଅଧିକ ସ୍ୱାସ୍ଥ୍ୟକର୍ମୀମାନେ ୨୪ ଘଣ୍ଟା ରୋଗୀମାନଙ୍କୁ ସେବା ପ୍ରଦାନ ନିମନ୍ତେ ପ୍ରସ୍ତୁତ ରହିଛନ୍ତି।

# ଘରୋଇ ଉପଭୋକ୍ତାଙ୍କୁ ୪% ରିହାତି ଦେବ ସେସୁ

**ଭୁବନେଶ୍ୱର :** ଏପ୍ରିଲ ଶେଷ ସୁଦ୍ଧା ବିଦ୍ୟୁତ୍ ଦେୟ ପୈଠ କଲେ ସେସୁର ଘରୋଇ ଉପଭୋକ୍ତାମାନେ ଅତିରିକ୍ତ ୪ ପ୍ରତିଶତର ରିହାତି ପାଇବେ। ତେବେ ବିଦ୍ୟୁତ୍ ଦେୟ ଉପରେ ପୂର୍ବରୁ ଲାଗିଥିବା ରିହାତି ସୁବିଧା ମଧ୍ୟ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ। ବିଶେଷ ଭାବେ ଘରୋଇ ବିଦ୍ୟୁତ୍ ଉପଭୋକ୍ତାମାନେ ପ୍ରତି ୟୁନିଟ୍ ପିଛା ୧୦ ପଇସାର ରିହାତି ପାଇଥାନ୍ତି। ଏହି ରିହାତି ବଳବତ୍ତର ରହିବା ସହ ମୋଟ ବିଲ୍ ଉପରେ ୪ ପ୍ରତିଶତର ଅତିରିକ୍ତ ରିହାତି ପାଇବେ। ଦେଶ ତଥା ରାଜ୍ୟରେ ଚାଲୁ ରହିଥିବା ଲକ୍‌ଡାଉନ୍ ପ୍ରଭାବରେ ସାଧାରଣ ଜନତାଙ୍କର ଆର୍ଥିକ ସ୍ଥିତି ଭଲ ନଥିବାରୁ ସେସୁ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ବିଦ୍ୟୁତ୍ ଦେୟ ସୁବିଧା ଉଠାଇବାକୁ ହେଲେ ଘରୋଇ ଗ୍ରାହକଙ୍କୁ ଏପ୍ରିଲ ମାସ ଶେଷ ସୁଦ୍ଧା ବିଦ୍ୟୁତ୍ ଦେୟ ପୈଠ କରିବାକୁ ପଡ଼ିବ। ମାର୍ଚ୍ଚରେ ବିଦ୍ୟୁତ୍ ଦେୟ ପୈଠ କରି ସାରିଥିବା କିମ୍ବା ପୈଠ କରିବାକୁ ଥିବା ସମସ୍ତ ଗ୍ରାହକ ମଧ୍ୟ ଏହି ସୁବିଧା ପାଇବେ। ତେବେ ବର୍ତ୍ତମାନ ସ୍ଥିତିରେ ସାମାଜିକ ଦୂରତ୍ୱ ରକ୍ଷା କରିବା ସବୁଠାରୁ ଗୁରତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବା ଯୋଗୁଁ ସେସୁ ଅନଲାଇନ୍ ମାଧ୍ୟମରେ ବିଦ୍ୟୁତ୍ ଦେୟ ପୈଠ କରିବା ପାଇଁ ଘରୋଇ ଗ୍ରାହକଙ୍କୁ ନିବେଦନ କରିଛି। ବିଲ୍‌ର ସୂଚନା ଘରୋଇ ଗ୍ରାହକମାନଙ୍କୁ ଏସ୍ଏମ୍ଏସ୍, ଇ-ମେଲ୍ ଓ ଟୋଲ୍ ଫ୍ରି ନମ୍ବର ଜରିଆରେ ଜଣାଇ ଦିଆଯିବ ବୋଲି ସେସୁ ପକ୍ଷରୁ ସୂଚନା ଦିଆଯାଇଛି। ନିଜ ବିଲ୍ ସମ୍ବନ୍ଧିତ ସୂଚନା ମୋବାଇଲ ଜରିଆରେ ପାଇ ସାରିବା ପରେ



ଗ୍ରାହକମାନେ ମନି ଟ୍ରାନ୍ସଫର ଆପ୍, ୟୁପିଆ ଓ ଏଟିଏମ୍ କାର୍ଡ କିମ୍ବା କ୍ରେଡିଟ୍ କାର୍ଡ ମାଧ୍ୟମରେ ବିଲ୍ ପୈଠ କରିପାରିବେ। ସେସୁର କେତେକ କାର୍ଯ୍ୟାଳୟରେ ଚେକ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଗ୍ରାହକମାନେ ସେସୁ ନାମରେ ଚେକ୍ ଇସ୍ୟୁ କରି ବିଲ୍ ପୈଠ କରିପାରିବେ। ତାଲାବନ୍ଦ ଯୋଗୁଁ ଅନେକ ଘରୋଇ ଗ୍ରାହକଙ୍କର ମିଟର ରିଡିଂ ହେବା ସମ୍ଭବପର ହୋଇ ପାରିନାହିଁ। ଏଭଳିସ୍ଥଳରେ ପୂର୍ବ ମାସରେ ରିଡିଂ ହୋଇଥିବା ବିଲ୍ ସହାୟତାରେ ଓଇଆର୍‌ସି ରେଗୁଲେସନ୍ ଆଧାରରେ ବିଲ୍ ପ୍ରସ୍ତୁତ କରାଯିବ। ଗ୍ରାହକଙ୍କ ସୁବିଧା ପାଇଁ ପୂର୍ବରୁ ସେସୁ ୫ଟି କଲ୍ ସେଣ୍ଟର ରଖିଥିବା ବେଳେ ଏବେ ଏହାର ସଂଖ୍ୟା ୧୩କୁ ବୃଦ୍ଧି କରିଛି। ସେସୁ ନିଜସ୍ୱ ଖର୍ଚ୍ଚ ମେଣ୍ଟାଇବା ପାଇଁ ନିଜର ସମସ୍ତ ୨୭ ଲକ୍ଷ ଘରୋଇ ଗ୍ରାହକଙ୍କୁ ବିଲ୍ ପୈଠ କରିବା ପାଇଁ ନିବେଦନ କରିଛି।

# 'ଦୀକ୍ଷା' ଆପ୍‌ରେ ପାଠ ପଢ଼ିବେ ପିଲା

**ଭୁବନେଶ୍ୱର :** ଲକ୍‌ଡାଉନ୍ ଫଳରେ ଛାତ୍ରଛାତ୍ରୀଙ୍କର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏପରିକି ଲକ୍‌ଡାଉନ୍ ଅବଧି ପୁଣି ଥରେ ବୃଦ୍ଧି କରାଯିବା ପରେ ଏହି ସମସ୍ୟା ଏବେ ଚିନ୍ତାର କାରଣ ପାଲଟିଛି। ତେବେ ଏହି ସମସ୍ୟାର ସମାଧାନ ଲାଗି ଏବେ ବିକଳ୍ପ ବ୍ୟବସ୍ଥା ବାହାର କରିଛନ୍ତି ରାଜ୍ୟ ସରକାର। ସ୍ମାର୍ଟଫୋନ୍ ଥିବା ସ୍କୁଲ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଯିବ। ପ୍ରଥମେ ଖୋର୍ଦ୍ଧା ଜିଲ୍ଲାରେ ଏହି ସୁବିଧା ଆରମ୍ଭ ହୋଇଛି। ସେହି ଜିଲ୍ଲାର ସ୍ମାର୍ଟଫୋନ୍‌ରେ ଥିବା ଛାତ୍ରଛାତ୍ରୀଙ୍କୁ ଗ୍ରୁପ୍‌ରେ ସାମିଲ କରାଯାଇଛି। ଦୀକ୍ଷା ଆପ୍‌ସ ମାଧ୍ୟମରେ ପିଲାଙ୍କୁ ପଢ଼ାଇବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହି ବ୍ୟବସ୍ଥାକୁ ରାଜ୍ୟର ସବୁ ଜିଲ୍ଲାରେ କାର୍ଯ୍ୟକାରୀ କରିବା ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୫ହଜାର ୨୭୯ଟି ସ୍କୁଲ ରହିଛି। ସେହିରି ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୯ଲକ୍ଷ ୭୨ହଜାର ୮୭୦। ତେବେ ଏଥିପାଇଁ ପ୍ରାଥମିକ ସ୍କୁଲ ଲାଗି ୩୫ହଜାର ୭୪୦ ଜଣ ଶିକ୍ଷକ ଏବଂ ଉଚ୍ଚପ୍ରାଥମିକ ସ୍କୁଲ ଲାଗି ୨୨ହଜାର ୮୦୦ ଶିକ୍ଷକଙ୍କୁ ମୋବାଇଲ ମାଧ୍ୟମରେ ପଢ଼ାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ରାଜ୍ୟରେ ସ୍କୁଲ ଛୁଟି ହେବା ପୂର୍ବରୁ କରୋନା ଲାଗି ସ୍କୁଲ ବନ୍ଦ କରାଯାଇଥିଲା। ତେବେ ଲକ୍‌ଡାଉନ୍ ଏବଂ ସ୍କୁଲ ବନ୍ଦ ପାଇଁ ପିଲାମାନେ ମଧ୍ୟ ପାଠ୍ୟପୁସ୍ତକ ପାଇପାରି ନାହାଁନ୍ତି। ପିଲାଙ୍କ ସୁରକ୍ଷା ଲାଗି ଚଳିତବର୍ଷ ପ୍ରଥମଥର ଲାଗି ଶିକ୍ଷକମାନେ ଘରକୁ ଘର ବୁଲି ପାଠ୍ୟପୁସ୍ତକ ବାଣ୍ଟିବେ ବୋଲି ସରକାର ନିର୍ଦ୍ଦେଶ ଦେବା ପରେ ଅନେକ ଜିଲ୍ଲାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସେହିପରି ଘରେ ରହି ପାଠପଢ଼ିବା ଲାଗି ହ୍ୱାଟ୍ସଆପ୍ ମାଧ୍ୟମରେ ବ୍ୟବସ୍ଥା କରିବା ଲାଗି ମଧ୍ୟ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସ୍କୁଲ ଖୋଲିବା ପାଇଁ ବିଳମ୍ବ ଥିବାବେଳେ ପାଠ୍ୟପୁସ୍ତକ ଥାଉ ବା ନଥାଉ ଏଣିକି ପାଠପଢ଼ିବାରେ ପିଲାଙ୍କ ଲାଗି କୌଣସି ଅସୁବିଧା ହେବନାହିଁ। ତେବେ ମୋବାଇଲ ମାଧ୍ୟମରେ ପାଠପଢ଼ିବା ସହ ହ୍ୱାଟ୍ସଆପ୍ ମାଧ୍ୟମରେ ପିଲାଙ୍କ ସବୁ ସମସ୍ୟାର ସମାଧାନ ମଧ୍ୟ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କରୋନା ...

ଗଭୀର ପ୍ରଭାବ ପକାଉଥିବା ବେଳେ ଏହି ବର୍ଗର ଲୋକଙ୍କୁ ରିସ୍କ ଗ୍ରୁପ୍‌ରେ ରଖାଯାଇଛି। ମାତ୍ର ଓଡ଼ିଶାରେ ଏହି ଗୋଷ୍ଠୀରେ ଥିବା ଆକ୍ରାନ୍ତଙ୍କ ସଂଖ୍ୟା ବହୁତ୍ କମ୍ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ଆକ୍ରାନ୍ତଙ୍କ ମଧ୍ୟରୁ ବରିଷ୍ଠ ନାଗରିକ ମାତ୍ର ୮ ପ୍ରତିଶତ ହୋଇଥିବାରୁ ଏହା ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଛି। ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକୁ ପାଳନ କରାଯାଇଥିବାରୁ ଓଡ଼ିଶାରେ ଏହି ରିସ୍କ ଗ୍ରୁପ୍‌ଟି ସୁରକ୍ଷିତ ହୋଇ ରହିପାରିଛନ୍ତି। ଏହିଗ୍ରୁପକୁ ସୁରକ୍ଷିତ ରଖିବା ପାଇଁ ସରକାରୀ ସ୍ତରରେ ବାରମ୍ବାର ପରାମର୍ଶ ଜାରି କରାଯାଉଥିବା ସହ ଘରର ବୟସ୍କମାନଙ୍କୁ ଅଧିକ ଯତ୍ନ ନେବା ପାଇଁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୮୦ ପ୍ରତିଶତ ଆକ୍ରାନ୍ତଙ୍କ ମଧ୍ୟରେ କୌଣସି ଲକ୍ଷଣ ଦେଖାଦେଇନଥିବା ସତ୍ତ୍ୱେ ମଧ୍ୟ ସେମାନଙ୍କର ନମୁନା ପଜିଟିଭ୍ ଆସିଥିଲା। ତେଣୁ ବିନା ଲକ୍ଷଣରେ ଦେହରେ କରୋନା ଭୂତାଣୁ ରହୁଥିବାରୁ ସେମାନଙ୍କୁ ଡାକ୍ତରଖାନାର ଆଇସୋଲେସନରେ ରଖାଯାଇଛି। ମାତ୍ର ସେମାନଙ୍କ ମଧ୍ୟରୁ ଅଳ୍ପ କିଛି ଆକ୍ରାନ୍ତଙ୍କୁ ଛାଡ଼ିଦେଲେ ବାକି ଆକ୍ରାନ୍ତଙ୍କର ଡାକ୍ତରୀ ଚିକିତ୍ସା ଆବଶ୍ୟକ ହେଉନଥିବା ପୂର୍ବରୁ ଏନ୍ଏଚ୍ଏମ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ଦୁଇଦିନ ହେବ ସାରା ରାଜ୍ୟରୁ ପରୀକ୍ଷଣ ହେଉଥିବା ନମୁନା ନେଗେଟିଭ୍ ରହିଛି; ଯାହାକି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଛି। ବୁଧବାର ୧୧୯୭ ନମୁନା ପରୀକ୍ଷଣ କରାଯାଇଥିବା ବେଳେ ଗୁରୁବାର ରାତି ସୁଦ୍ଧା ୮୪୩ ନମୁନା ପରୀକ୍ଷଣ କରାଯାଇଥିଲା। ମାତ୍ର ସବୁଗୁଡ଼ିକ ନେଗେଟିଭ୍ ଆସିଛି। ତେବେ ଏହି ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ସହିତ କେମିତି ରାଜ୍ୟକୁ କରୋନା ମୁକ୍ତ କରାଯିବ ସେନେଇ ରାଜ୍ୟ ସରକାର ଟେଷ୍ଟିଂ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ବର୍ତ୍ତମାନ ରାଜ୍ୟର ମୋଟ୍ ୭ଟି ସ୍ଥାନରେ ଟେଷ୍ଟିଂ କରାଯାଉଛି। ଆର୍ଏମ୍ଆର୍‌ସି ସହିତ ଭୁବନେଶ୍ୱର ଏମ୍ସ, କଟକ ଏସ୍‌ସିବି, ଆଇଜିଏଚ୍ ରାଉରକେଲା, ଏମ୍‌କେସିଜି, ଆପୋଲୋ ଓ ଆଇଏଲ୍ଏସ୍‌ରେ କୋଭିଡ୍-୧୯ ଟେଷ୍ଟି କରାଯାଉଛି। କେମିତି ଅଧିକରୁ ଅଧିକ ଲୋକଙ୍କୁ ଟେଷ୍ଟିଂରେ ସାମିଲ୍ କରାଯିବ ସେନେଇ ସରକାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ବେଳେ ରାଜଧାନୀ ଭୁବନେଶ୍ୱରକୁ ଫୋକସ୍‌ରେ ରଖିଛନ୍ତି। ପୂର୍ବରୁ ଓଡ଼ିଶାରେ କରୋନା ମୁକାବିଲା ପାଇଁ ସରକାରଙ୍କ ପଦକ୍ଷେପ ସତ୍ତ୍ୱେ ଦୁଇ ଦିନରେ ୩୩ଟି ପଜିଟିଭ୍ କେଶ୍ ସାମନାକୁ ଆସିଥିଲା। ଯାହାକି ସାରା ରାଜ୍ୟରେ କରୋନାକୁ ନେଇ ଆତଙ୍କ ଖେଳିଯାଇଥିଲା। ଏହାପରେ ସରକାର ତୁରନ୍ତ କଡ଼ା ପଦକ୍ଷେପ ସ୍ୱରୂପ ପଜିଟିଭ୍ ଚିହ୍ନଟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରି ନୂଆ ରଣନୀତି ପ୍ରସ୍ତୁତ କରିଥିଲେ। ଧୀରେ ଧୀରେ ଏହି ସ୍ଥିତିରେ ସୁଧାର ଆସିବା ସହିତ ଏବେ ସୁସ୍ଥଙ୍କ ସଂଖ୍ୟା ବଢ଼ିବାରୁ ଓଡ଼ିଶାରେ କରୋନା ସାମାନ୍ୟ ନିୟନ୍ତ୍ରଣ ସ୍ଥିତିରେ ରହିଛି।

### ବିଶ୍ୱରେ ...

ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ବଢ଼ିବାରେ ଲାଗିଛି। ଗତ ଗୁରୁବାର ସଂକ୍ରମିତଙ୍କ ସଂଖ୍ୟା ୨ ଅଙ୍କରେ ଥିଲା ବେଳେ ଶୁକ୍ରବାର ତାହା ୩ ଅଙ୍କକୁ ବୃଦ୍ଧି ପାଇ ୩୫୧ରେ ପହଞ୍ଚିଛି। ଚୀନରେ ଏ ପର୍ଯ୍ୟନ୍ତ ୪୬୩୨ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ବିଶ୍ୱ କରୋନୀ ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ତେବେ ଚୀନ୍ ଶୁକ୍ରବାର ଉହାନ୍ ମୃତ୍ୟୁ ସଂଖ୍ୟାରେ ସଂଶୋଧନ କରିଛି। ପୂବରୁ ଉହାନରେ ଯେତିକି ଲୋକ ପ୍ରାଣ ହରାଇଥିଲେ ବାସ୍ତବରେ ତା'ର ୫୦% ଅଧିକ ଲୋକ ପ୍ରାଣ ହରାଇଛନ୍ତି।

### ପରୀକ୍ଷା ...

ରହୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ପ୍ରାଥମିକତା ଦିଆଯାଇ ସେମାନଙ୍କର ପରୀକ୍ଷା ହେବ। ସେହିଭଳି ପୁଲିସ ଓ ଜରୁରୀ ସେବାରେ ଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ଏହି ପରୀକ୍ଷାରେ ସାମିଲ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୬୦ ଓ ୬୦ରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ଡାଇବେଟିକ୍ ଓ ଉଚ୍ଚରକ୍ତଚାପ ଆଦି ରୋଗରେ ଆକ୍ରାନ୍ତ ଅଛନ୍ତି ସେମାନଙ୍କଠାରୁ ନମୂନା ସଂଗ୍ରହ କରାଯିବ। ତେଣୁ ଏଥିପାଇଁ ଜନସାଧାରଣ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ମୁଖ୍ୟ ସଚିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହାକୁ କରୋନା ଟେଷ୍ଟ ପାଇଁ କୁହାଯାଏ, ସେମାନେ ଟେଷ୍ଟ କ୍ୟାମ୍ପକୁ ଆସିବାକୁ ପଡ଼ିବ। ସେହିଭଳି ଯଦି ରିପୋର୍ଟରେ ଆପଣଙ୍କର କରୋନା ପଜିଟିଭ ଆସିଲା ତେବେ ଏଥିରେ ଆଦୌ ଭୟଭୀତ ହେବାର କିଛି ନାହିଁ। କାରଣ ସରକାରଙ୍କ ପକ୍ଷରୁ ଏଥିପାଇଁ ମାଗଣା ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ନମୁନା ପରୀକ୍ଷଣରେ ପଜିଟିଭ ଆସିବା ବ୍ୟକ୍ତିଙ୍କ ସରକାରଙ୍କ ପ୍ରତିଷ୍ଠିତ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲରେ ମାଗଣା ଚିକିତ୍ସା କରାଯିବ। ଯଦି କେହି ଏହାକୁ ଅବମାନନା କରନ୍ତି, ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ପଦାରେ ...


ଭୂତାଣୁ ସଂକ୍ରମଣ ଆଶଙ୍କା ଥିବାରୁ ରାଜ୍ୟ ସରକାର ଏଭଳି ନିୟମ ଲାଗୁ କରିଛନ୍ତି। କରୋନା ଭାଇରସ୍ ସଂକ୍ରମଣ ରୋକିବାକୁ ଯେମିତି ମାସ୍କ ପିନ୍ଧିବା ସମସ୍ତଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି ଏବଂ ଉଲ୍ଲଂଘନକାରୀଙ୍କ ଲାଗି ଜୋରିମାନା ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ମଧ୍ୟ ଏଣିକି ଜୋରିମାନା ଦେବାକୁ ପଡ଼ିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଯଦି କେହି ଏହି ନିୟମକୁ ପାଳନ ନକରନ୍ତି ବା ବାହାରେ ଛେପ ପକାଉଥିବାର ନଜରକୁ ଆସନ୍ତି ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯିବ। ଅର୍ଥାତ ଖିଲାପକାରୀଙ୍କୁ ପ୍ରଥମ ୩ଥର ଲାଗି ୨୦୦ଟଙ୍କା ଲେଖାଏଁ ଜୋରିମାନାରେ ଦଣ୍ଡିତ କରାଯିବ। ଲହାପରେ ସମ୍ପୃକ୍ତ ଉଲ୍ଲଂଘନକାରୀଙ୍କୁ ୫୦୦ଟଙ୍କା ଜୋରିମାନା ଦେବାକୁ ପଡ଼ିବ। ସେହିଭଳି ଜୋରିମାନା ଆଦାୟ କରିବାକୁ ବ୍ଲକସ୍ତରରେ ଏକ୍ସଟେନସନ୍ ଅଫିସର, ଅତିରିକ୍ତ ତହସିଲଦାର ମଧ୍ୟ ଜୋରିମାନା ଆଦାୟ କରିପାରିବେ। ପୁଲିସ ଏଏସ୍ଆଇ ଏବଂ ୱାର୍ଡ ଅଫିସରଙ୍କୁ ମଧ୍ୟ ଜରିମାନା ଆଦାୟ କରିବାର ଦାୟିତ୍ୱ ଦିଆଯାଇଛି।

### କୋହଳ ...

ରିଜର୍ଭ ବ୍ୟାଙ୍କ ନିକଟରେ ଜମା ନକରି ଅନ୍ୟତ୍ର ଉପଯୋଗ କରିବା ନେଇ ଗୁରୁତ୍ୱ ଦିଆଯାଇଥିବାରୁ ପୁଣି ଥରେ ରିଭର୍ସ ରେପୋ ହାରରେ ହ୍ରାସ କରାଯାଇଥିବା କୁହାଯାଇଛି। ଏହି ଲକ୍ଷ୍ୟରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏନ୍‌ବିଏଫ୍‌ସି ଏବଂ ଏମ୍ଏଫ୍ଆଇ ସଂସ୍ଥାମାନଙ୍କ ପାଇଁ ୫୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତେବେ ଏହି ପରିମାଣର ଅର୍ଥ ଯଦି ଏନ୍‌ବିଏଫ୍‌ସି ଏବଂ ଏମ୍ଏଫ୍ଆଇ ସଂସ୍ଥାମାନଙ୍କୁ ଯୋଗାଇ ଦିଆଯିବ ବୋଲି ନିଶ୍ଚିତ କରାଯାଏ ତାହା ହେଲେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ଅର୍ଥ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଦେଶର ୩ଟି ପ୍ରମୁଖ ଅର୍ଥଲାଗାଣକାରୀ ସଂସ୍ଥାଙ୍କ ପାଇଁ ଆଉ ୫୦ ହଜାର କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ନାବାର୍ଡ, ସିଡ୍‌ବି ଏବଂ ଏନ୍ଏଚ୍‌ବି ଭଳି ସଂସ୍ଥାମାନଙ୍କୁ ପୁନଃ ପୁଞ୍ଜି ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ପରିମାଣର ଅର୍ଥ ବ୍ୟବସ୍ଥା କରାଯାଇଥିଲା ବେଳେ ଗ୍ରାମାଞ୍ଚଳ ବିକାଶ, କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ଏବଂ ଗୃହ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଛୋଟ ଏବଂ ମଧ୍ୟମ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କୁ ଏହା ଯୋଗାଇ ଦିଆଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ୩ ମାସ ପାଇଁ ସାଧାରଣ ଋଣ ଗ୍ରହୀତାମାନଙ୍କୁ କିସ୍ତି ପଇଠ କ୍ଷେତ୍ରରେ କୋହଳ କରିବାକୁ ପୂର୍ବରୁ ରିଜର୍ଭ ବ୍ୟାଙ୍କ ବ୍ୟବସାୟିକ ବ୍ୟାଙ୍କଗୁଡିକୁ ପରାମର୍ଶ ଦେଇଥିଲା ବେଳେ ଏ ସମ୍ପର୍କରେ ନିଷ୍ପତ୍ତି ନେବା ସଂପୃକ୍ତ ବ୍ୟାଙ୍କଗୁଡ଼ିକ ଉପରେ ନିର୍ଭର କରେ ବୋଲି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି। ଯଦି ବ୍ୟାଙ୍କମାନେ ଏ ସମ୍ପର୍କରେ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରନ୍ତି ତେବେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏନେଇ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

## ୧୦ ସେକେଣ୍ଡ ମଧ୍ୟରେ ସମ୍ପୂର୍ଣ୍ଣ ସେନିଟାଇଜ କରାଇବା
## ସ୍ପ୍ରେ ରୁମ୍ ପ୍ରସ୍ତୁତ କରି ଚର୍ଚ୍ଚାରେ ଦୁଇ ବିଦ୍ୟୁତ୍ କର୍ମଚାରୀ

**ବାରିପଦା :** ଜଣେ ବ୍ୟକ୍ତିଙ୍କୁ ମାତ୍ର ୧୦ ସେକେଣ୍ଡ ସମୟରେ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ କରାଇବା ନିମନ୍ତେ ସ୍ୱଳ୍ପ ବ୍ୟୟ ବରାଦରେ ସାନିଟାଇଜର ସ୍ପ୍ରେ ରୁମକୁ ପ୍ରସ୍ତୁତ କରି ଚର୍ଚ୍ଚା ପରିସରକୁ ଆସିଛନ୍ତି ଦୁଇ ଜଣ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଜିତେନ୍ଦ୍ର ଗିରି ଓ ସୁରଜ କୁଅଁର । ଏହି ଦୁଇ ଜଣଙ୍କ ଘର ବାରିପଦା ଟାଉନ ଥାନା ଅନ୍ତର୍ଗତ ବାଗଡ଼ିହା ଅଞ୍ଚଳରେ ହୋଇଥିବା ବେଳେ ବିଦ୍ୟୁତ୍ ବିଭାଗର ବାରିପଦା ସେକ୍ସନ-୧ରେ କାର୍ଯ୍ୟ କରନ୍ତି । ବିଜେନ୍ଦ୍ର ଗିରି ଗଣମାଧ୍ୟମକୁ ଦେଇଥିବା ସୂଚନା ଆଧାରରେ ୟୁଟ୍ୟୁବରେ ଏକ ଭିଡ଼ିଓ ଦେଖିବା ପରେ ସ୍ୱଳ୍ପ ମୂଲ୍ୟରେ ସାନିଟାଇଜର ସ୍ପ୍ରେ ରୁମ ପ୍ରସ୍ତୁତ କରିବା ନିମନ୍ତେ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ । ଶେଷରେ ସ୍ଥାନୀୟ ବୈଦ୍ୟୁତିକ ଯନ୍ତ୍ରାଂଶଗୁଡ଼ିକୁ ବ୍ୟବହାର କରି ଲକ୍ଷ ସ୍ଥଳରେ ପହଞ୍ଚିବାରେ ସଫଳ ହୋଇଥିଲେ । ଏଥି ନିମନ୍ତେ ସେ ୟୁପିଏସରୁ ୧୨ ଭୋଲଟ ଡ଼ିସି ବାହାର କରି ମୋଟର ଲଗାଇଛନ୍ତି ଏବଂ ଏହାର ବ୍ୟବହାର ସମୟରେ କରେଣ୍ଟ ଲାଗିଲେ କୌଣସି କ୍ଷତି ପହଞ୍ଚାଇବାର ସମ୍ଭାବନା ସବୁଠାରୁ କମ୍ ରହିଛି । ମୋଟର ଦ୍ୱାରା ସାନିଟାଇଜର ସ୍ପ୍ରେ ରୁମରେ ରହିଥିବା ବ୍ୟକ୍ତିଙ୍କୁ ମାତ୍ର ୧୦ ସେକେଣ୍ଡ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ କରାଯାଇ ପାରିବ । ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏହି ପ୍ରକାରର ମେସିନ ବ୍ୟବହାର କରାଯାଉଥିଲେ ମଧ୍ୟ ସାନିଟାଇଜ କରାଇବା ନିମନ୍ତେ ସମୟ ଲାଗୁଥିଲା । ବିଜେନ୍ଦ୍ର




ଦ୍ୱାରା ପ୍ରସ୍ତୁତ ସ୍ପ୍ରେ ମେସିନ ଯାହାର ନାମ ରଖିଛନ୍ତି ଦିଲ ସେ ମୟୂରଭଞ୍ଜିଆ କୋଭିଡ଼୍ ହସପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବା ଡ଼ାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ନିଜ ନିଜର ଶରୀରକୁ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ କରାଇବା କ୍ଷେତ୍ରରେ ବିଶେଷ ଭାବେ ଉପେଯାଗୀ ହୋଇପାରିବ ବୋଲି ଦାବି କରିବା ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରାମର୍ଶ ଅଥବା ବିଭିନ୍ନ ହସପିଟାଲଗୁଡ଼ିକ ସାନିଟାଇଜ ବ୍ୟବସ୍ଥା ନିମନ୍ତେ ଉପଲବ୍ଧ ସାମଗ୍ରୀ ଏଥିରେ ବ୍ୟବହାର କରାଯାଇପାରିବ ବୋଲି ପ୍ରକାଶ କରିଥିଲେ । ତେବେ ବିଦ୍ୟୁତ୍ ବିଭାଗର କର୍ମଚାରୀ ବିଜେନ୍ଦ୍ର ଓ ତାଙ୍କ ସାଥୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ପ୍ରେ ମେସିନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବହାର ନିମନ୍ତେ ଅନୁମତି ମିଳୁଛି କି ନାହିଁ ତହା ପରବର୍ତ୍ତି ସମୟରୁ ଜଣାପଡ଼ିବ।

# ମା' ଶାରଦା ଦେବୀ



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ





ବଙ୍ଗପ୍ରଦେଶର ବାଙ୍କୁଡ଼ା ଜିଲ୍ଲାର ଜୟରାମବାଟୀ ଗ୍ରାମରେ ୧୮୫୩ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସ ୨୨ ତାରିଖ ଗୁରୁବାର ଦିନ ଶାରଦା ଦେବୀ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ରାମଚନ୍ଦ୍ର ମୁଖୋପାଧ୍ୟାୟ ଓ ମାତାଙ୍କ ନାମ ଶ୍ୟାମାସୁନ୍ଦରୀ ଦେବୀ। ଉଭୟ ଦମ୍ପତି ନୈଷ୍ଠିକ ବ୍ରାହ୍ମଣ, ପରୋପକାରୀ ଓ ରାମ ଭକ୍ତ ଥିଲେ। ଶୈଶବରୁ ହିଁ ଶାରଦା ଦେବୀ ପିତା ମାତାଙ୍କୁ ଘର କାମରେ ସାହାଯ୍ୟ କରିବା, ପରିବାରରେ କେହି ଅସୁସ୍ଥ ହେଲେ ସେବାଯତ୍ନ ନେବା, ଦେବା ଦେବୀଙ୍କୁ ଫୁଲ, ବେଲପତ୍ର ଦେଇ ପୂଜା କରିବା ଇତ୍ୟାଦି କାର୍ଯ୍ୟ କରୁଥିଲେ। ସେତେବେଳେ ଝିଅ ମାନଙ୍କୁ ପାଠ ପଢ଼ିବାକୁ ସୁଯୋଗ ଦିଆଯାଉନଥିଲା। ତେଣୁ ଶାରଦା ଦେବୀ ସୁଯୋଗ ପାଇଲେ ଘରେ ଭାଇମାନଙ୍କ ପାଖରେ ବସି ପଢୁଥିଲେ। ତାଙ୍କର ପ୍ରଖର ମେଧାଶକ୍ତି ଥିଲା। ନିଜ ଚେଷ୍ଟାରେ ପାଠ ପଢ଼ି ସେ ରାମାୟଣ, ମହାଭାରତ, ପୁରାଣ ଇତ୍ୟାଦି ପଢ଼ି ଶିଖିଲେ କିନ୍ତୁ ଲେଖି ପାରୁ ନଥିଲେ। ଗାଁରେ ଯାତ୍ରା, ପାଲା, କୀର୍ତ୍ତନ ପ୍ରଭୃତି ଶୁଣି ବହୁତ ବିଷୟ ଶିକ୍ଷା କରିଥିଲେ। ପାଞ୍ଚବର୍ଷ ବୟସରେ ତାଙ୍କର ଶ୍ରୀରାମକୃଷ୍ଣଙ୍କ ସଙ୍ଗେ ବିବାହ ହେଲା। ସେତେବେଳେ ରାମକୃଷ୍ଣଙ୍କୁ ତେଇଶ ବର୍ଷ। ବିବାହର ଦୁଇ ବର୍ଷ ପରେ ରାମକୃଷ୍ଣ ଜୟରାମବାଟୀ ଆସି ଶାରଦା ଦେବୀଙ୍କୁ ସବାରୀରେ ସାଥିରେ ନେଇ ଫେରିଥିଲେ। ଏହାର କିଛିଦିନ ପରେ ରାମକୃଷ୍ଣ ଦକ୍ଷିଣେଶ୍ୱର ଫେରିଗଲେ ଓ ଶାରଦା ଦେବୀ ପିତା ଗୃହକୁ ଫେରି ଆସିଲେ। ତାଙ୍କୁ ଚଉଦ ବର୍ଷ ବେଳେ ରାମକୃଷ୍ଣ କାମାରପୁକୁର ଆସିଲେ। ଶାରଦା ଦେବୀଙ୍କୁ ଅଣାଗଲା। ଏହି ସମୟରେ ଛଅ ମାସ ଏକତ୍ର ରହି ସ୍ୱାମୀଙ୍କ ନିକଟରୁ ସେ ଅନେକ ଅଲୌକିକ ଓ ଆଧ୍ୟାତ୍ମିକ ଶିକ୍ଷା ଲାଭ କଲେ। ରାମକୃଷ୍ଣ ଦକ୍ଷିଣେଶ୍ୱର ଚାଲିଯିବା ପରେ ଶାରଦା ଦେବୀ ଜୟରାମବାଟୀ ଫେରିଗଲେ। ଗାଁର କେତେକ ସ୍ତ୍ରୀ ଲୋକ ଗଙ୍ଗାସ୍ନାନ କରିବାକୁ କଲିକତା ବାହାରିବାରୁ ଶାରଦା ଦେବୀ ପିତାଙ୍କ ସହିତ ତାଙ୍କ ସାଙ୍ଗରେ ଆସିଲେ। ବାଟରେ ତାଙ୍କୁ ପ୍ରବଳ ଜ୍ୱର ହେଲା। ତାଙ୍କ ପିତା ତାଙ୍କୁ ଏକ ଧର୍ମଶାଳାରେ ରଖିଲେ। ରାତିରେ କଳା ହୋଇ ଝିଅଟିଏ ତାଙ୍କ ମୁଣ୍ଡ ପାଖରେ ବସି ଆଉଁଷୁ ଥିବାର ସେ ଅନୁଭବ କଲେ। ସେହି କୋମଳ ସ୍ପର୍ଶରେ ତାଙ୍କ ଦେହର ଉତ୍ତାପ ଓ ଯନ୍ତ୍ରଣା ଦୂର ହୋଇଗଲା। ଝିଅଟି ଦକ୍ଷିଣେଶ୍ୱରରୁ ଆସିଛି ବୋଲି କହି କେଉଁଆଡ଼େ ଚାଲିଗଲା। ଶାରଦା ଦେବୀ ଦକ୍ଷିଣେଶ୍ୱରରେ ପହଞ୍ଚିବା ପରେ ରାମକୃଷ୍ଣ ତାଙ୍କୁ ପାଖରେ ରଖି ସେବାଯତ୍ନ କଲେ। ସେ ସୁସ୍ଥ ହେବା ପରେ ସେଠାରେ ତାଙ୍କ ମାଆଙ୍କ ନିକଟରେ ରହିବାର ବ୍ୟବସ୍ଥା କରିଦେଲେ। ଦିନେ ଶାରଦା ଦେବୀ ଏକାନ୍ତରେ ସ୍ୱାମୀଙ୍କ ପାଦ ସେବା କରୁ କରୁ ପଚାରିଲେ 'ମତେ ତୁମେ କ'ଣ ବୋଲି ଭାବ ?' ଶ୍ରୀରାମକୃଷ୍ଣ ସ୍ମିତ କଣ୍ଠରେ ଉତ୍ତର ଦେଲେ 'ମନ୍ଦିରରେ ଯେଉଁ ଭବତାରିଣୀ ମା', ମତେ ଗର୍ଭରେ ଧାରଣ କରିଥିଲେ ଯେଉଁ ମା', ଆଜି କେସହି ମା'ପାଦ ସେବା କରୁଛନ୍ତି'। ମୁଁ ତମକୁ ସାକ୍ଷାତ ଜଗଦମ୍ବା ବୋଲି ମନେ କରେ।'

ଜ୍ୟେଷ୍ଠମାସ ଫଳହାରିଣୀ କାଳୀପୂଜା ରାତିରେ ଶ୍ରୀରାମକୃଷ୍ଣ ତାଙ୍କୁ ଷୋଡ଼ଶୋପଚାର ସହିତ ତ୍ରିପୁରସୁନ୍ଦରୀ ରୂପେ ପୂଜା କରିଥିଲେ। ଏହିପରି ଥିଲା ତାଙ୍କ ପତିପତ୍ନୀ ସମ୍ପର୍କ। ଦକ୍ଷିଣେଶ୍ୱରରେ ପନ୍ଦର ବର୍ଷ କାଳ ମା'ପତିଙ୍କର ତଥା ଭକ୍ତ ସନ୍ତାନ ମାନଙ୍କର ଆପ୍ରାଣ ସେବା କରୁଥିଲେ। ତା ସହିତ ଦୈନିକ ଜପ, ଧ୍ୟାନ, ସାଧନା ମଧ୍ୟ କରୁଥିଲେ। ଦିନସାରା ଅକ୍ଲାନ୍ତ ପରିଶ୍ରମ କରି ଆଶ୍ରମବାସୀଙ୍କୁ ଖାଦ୍ୟ ପରିବେଷଣ କରୁଥିଲେ ମଧ ଈଶ୍ୱରଙ୍କ କାର୍ଯ୍ୟ ଭାବି ଆନନ୍ଦ ମନରେ ସବୁ କରିଯାଆନ୍ତି।

୧୮୮୫ ମସିହା ଏପ୍ରିଲ ମାସ ଶେଷ ଆଡ଼କୁ ଶ୍ରୀରାମକୃଷ୍ଣ ଗଳ କ୍ଷତ ରୋଗରେ ଆକ୍ରାନ୍ତ ହେଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କଲିକତା ଓ ତାପରେ କାଶୀପୁର ଉଦ୍ୟାନବାଟୀକୁ ନିଆଗଲା। ମା' ଆସି ପତିଙ୍କର ସେବାରେ ଆତ୍ମ ନିୟୋଗ କଲେ। ଦେହତ୍ୟାଗର କିଛି ଦିନ ପୂର୍ବରୁ ସେ ମା'ଙ୍କୁ ସମ୍ବୋଧନ କରି ଈଶ୍ୱରଙ୍କୁ ଭୁଲି ଦୁଃଖ କଷ୍ଟ ଭୋଗୁଥିବା ଲୋକମାନଙ୍କୁ ଦେଖାଶୁଣା କରିବା ପାଇଁ କହିଲେ। ମା'ଅକ୍ଷମତା ପ୍ରକାଶ କରିବାରୁ 'ମୋ ଠାରୁ ଅନେକ ଅଧିକ ତୁମକୁ କରିବାକୁ ହେବ' କହି ତାଙ୍କର ଅସମାପ୍ତ କାର୍ଯ୍ୟର ଭାର ଶାରଦା ଦେବୀଙ୍କୁ ଅର୍ପଣ କରି ୧୮୮୬ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୬ ତାରିଖରେ ମହାସମାଧି ଲାଭ କଲେ। ପତିଙ୍କ ଦେହାନ୍ତ ପରେ ମା'ବହୁତ କାନ୍ଦିବାରୁ ଶ୍ରୀରାମକୃଷ୍ଣ ତାଙ୍କୁ ବାରମ୍ବାର ଦର୍ଶନ ଓ ଉପଦେଶ ଦେଇ ତାଙ୍କ ପାଖେ ପାଖେ ଅଛନ୍ତି ବୋଲି କହୁଥିଲେ। ଜଣେ ଆଦର୍ଶ କନ୍ୟା, ଭଗ୍ନୀ, ଜାୟା, ମାତା, ଗୁରୁ, ସ୍ନେହ-ମମତା-ସେବା-ସାନ୍ତ୍ୱନା ଓ କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ସେ ତାଙ୍କ ଦାୟିତ୍ୱ ସଠିକ ଭାବରେ ନିର୍ବାହ କରିଛନ୍ତି। ଗୟା, କାଶୀ, ବୃନ୍ଦାବନ, ପୁରୀ, ରାମେଶ୍ୱର ଆଦି ଅନେକ ତୀର୍ଥ ସେ ପର୍ଯ୍ୟଟନ କରିଥିଲେ। ଝିଅ ମା'ଡାକ ଶୁଣିଲା ନାହିଁ ବୋଲି ରାମକୃଷ୍ଣଙ୍କ ଶାଶୁ ଥରେ ତାଙ୍କୁ କହିବାରୁ ସେ କହିଲେ, 'ଆପଣଙ୍କ ଝିଅର ଏତେ ସନ୍ତାନ ହେବେ ଯେ ଶେଷରେ ଦେଖିବେ ମା' ମା' ଡାକରେ ସେ ଅସ୍ଥିର ହୋଇଯିବ।' ଶ୍ରୀରାମକୃଷ୍ଣଙ୍କର ଏହି ଭବିଷ୍ୟବାଣୀ ସତ୍ୟ ହେଲା ଓ ଶାରଦା ଦେବୀ ବିଶ୍ୱ ଜନନୀରେ ପରିଣତ ହେଲେ। ଅନେକ ସମୟରେ ମା'ଭାବସ୍ଥ ହୋଇ ରହୁଥିଲେ। ସେ ଯେପରି ଠାକୁରଙ୍କ ଆହ୍ୱାନ ଶୁଣି ପାରୁଥିଲେ। ତାଙ୍କୁ ମ୍ୟାଲେରିଆ ଜ୍ୱର ହେଲା। ବଡ଼ ବଡ଼ ଡାକ୍ତର ଚିକିତ୍ସା କଲେ ଓ ମନ୍ଦିର ମାନଙ୍କରେ ପୂଜାଦି ଅନୁଷ୍ଠିତ ହେଲା। କିନ୍ତୁ ମା'ଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଗଲା ନାହିଁ। ଶ୍ରୀ ଶ୍ରୀ ଠାକୁରଙ୍କ ଅନ୍ତର୍ଦ୍ଧାନ ପରେ ଚଉତିରିଶ ବର୍ଷ କାଳ ଠାକୁରଙ୍କ ଆଦିଷ୍ଟ କର୍ମ ଆପ୍ରାଣ ସାଧନ କରି ଛଷଠି ବର୍ଷ ବୟସରେ ଶ୍ରୀରାମକୃଷ୍ଣଙ୍କ ସହିତ ଚିରଦିନ ପାଇଁ ମିଳିତ ହେଲେ।

ପ୍ଲଟ ନଂ : ୧୦୮୨/ଡ଼ି,
ସେକ୍ଟର-୬, ସିଡ଼ିଏ, କଟକ
ଦୂରଭାଷ : ୯୮୬୧୩୫୫୬୨୮



# ବିନା ଅନୁଭବରେ ଶେଷ ଚଇତିର ମହକ 'ଚୈତ୍ର ପର୍ବ'





**ବାରିପଦା :** ମୟୂରଭଞ୍ଜ ଜିଲ୍ଲାର ଚୈତ୍ର ପର୍ବର ମୁଖ୍ୟ ଆକର୍ଷଣ ଛଉନୃତ୍ୟ ଓ ଭକ୍ତା ମେଲଣ । ଚୈତ୍ର ମାସର ଶେଷରେ ଗ୍ରୀଷ୍ମଋତୁର ବୈଶାଖ ମାସର ଅୟମାରମ୍ଭ ହୁଏ ଚୈତ୍ରପର୍ବ ଦିନରୁ । ଏହାକୁ ମହାବିଶୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ମଧ କୁହାଯାଉଥିବା ବେଳେ ଜିଲ୍ଲାର ଗଣପର୍ବ ଭାବେ ଖ୍ୟାତି ଲାଭ କରିଛି । ଛଉନୃତ୍ୟରେ ଶୈବ ଉପାଖ୍ୟାନ ମାତ୍ରାଧିକ ଭାବେ ପରିଲକ୍ଷିତ ହୋଇଥାଏ । ଶିବଙ୍କ ଭକ୍ତମାନେ ଭକ୍ତା ନାମରେ ପରିଚିତ । ଛଉ ସହିତ ସମ୍ପୃକ୍ତ ପୂଜା ଓ ଉପାସନାରେ ଭକ୍ତାମାନେ ଜଡ଼ିତ । ଶିବ ଭକ୍ତମାନେ ଚୈତ୍ର ମାସରେ ହବିଷ୍ୟ ବିଧି ପାଳନ କରିବା ସଂଗେସଂଗେ ମହାବିଷୁବ ସଂକ୍ରାନ୍ତିର ପ୍ରାୟ ସପ୍ତାହକ ପୂର୍ବରୁ ନିଜର ମୂଳ ଗୋତ୍ର ଥୟାଗ କରି ଶିବଗୋତ୍ର ଧାରଣ ପୂର୍ବକ ଶିବ ଓ ଶକ୍ତିପୂଜାର ଉପାସନା ଆରମ୍ଭ କରିଥାନ୍ତି । ଭକ୍ତାମାନଙ୍କର ପିଠିରେ ହୁକ ଲଗାଇ ମୁକ୍ତ ଭାବେ ଝୁଲିଥାନ୍ତି, ଯାହାକୁ ଉଡ଼ାପର୍ବ କୁହାଯାଏ । ସେହିପରି କଣ୍ଟା ଉପରେ ଗଡ଼ିବା ଓ ଜଳୁଥିବା ନିଆଁ ଅଙ୍ଗାର ଉପରେ ଚାଲିବା ଆଦିକୁ ଦର୍ଶକମାନେ ମନଭରି ଉପଭୋଗ କରିଥାନ୍ତି । ମୟୂରଭଞ୍ଜରେ ଗଡ଼ଜାତ ରାଜ୍ୟର ମହାରାଜାମାନଙ୍କ ଶାସନ ସମୟରେ ଭକ୍ତାମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇ ଜଣେ ଲେଖାଏଁ ପାଟଭକ୍ତାଙ୍କ ନେତୃତ୍ୱରେ ୧୩ ଜଣିଆ ଭକ୍ତାକୁ ନେଇ ଗୋଟିଏ ଗୋଷ୍ଠୀ ମହାରାଜା ଓ ଅନ୍ୟ ଗୋଷ୍ଠୀ ମହାରାଣୀଙ୍କ ପୃଷ୍ଠପୋଷକରେ ବିଭକ୍ତ ହୋଇ ହାତରେ ବେତ ଧାରଣ କରିକାଳିକା, ଅମ୍ବିକା ଦେବବୀଙ୍କ ସହିତ ଅନ୍ୟାନ୍ୟ ଶାକ୍ତଦେବୀମାନଙ୍କୁ ପୂଜାର୍ଚ୍ଚନା କରିନ୍ତି । ବିଭିନ୍ନ ଉପଚାରରେ ପୂଜା କରିବା ସମୟରେ ଲାଲ ରଙ୍ଗର ପତାକାକୁ ଟେକି ଧରିଥାନ୍ତି । ଚୈତ୍ର ସଂକ୍ରାନ୍ତିର ତିନି ଦିନ ପୂର୍ବରୁ ପ୍ରାୟ ୩୮ ଉପଚାର ଶକ୍ତିପୂଜା କରିବା ଭକ୍ତାମାନଙ୍କର ବହୁ ପ୍ରାଚୀନ ପରମ୍ପରା । ଭକ୍ତାମାନଙ୍କର ଶୂନ୍ୟଘଟ, ନିଶାଘଟ ଓ ଯାତ୍ରାଘଟ ରହିଥାଏ । ଶୂନ୍ୟଘଟକୁ ଶିବ ମନ୍ଦିର ମଧ୍ୟରେ ଲୁକ୍କାୟିତ କରି ରଖୁଥିବା ବେଳେ ନିଶାଘଟକୁ ଅଗ୍ନି ଉପରେ ଚାଲିବା ସମୟରେ ବାହାରକୁ ଆଣିଥାନ୍ତି । ସେହିପରି ଯାତ୍ରାଘଟକୁ ଛଉନୃତ୍ୟର ଶେଷ ରାତିରେ ଅର୍ଥାତ ଠିକ୍ ଆଜିର ଦିନରେ ଛଉ ମଣ୍ଡପକୁ ନେଇ ଆସିଥାନ୍ତି । ମା ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା ଶେଷ ହେବା ପରେ ମୟୂରଭଞ୍ଜର ଲୌକିକ ପରମ୍ପରା ଅନୁସାରେ ଠିକ୍ ମଧ ରାତ୍ରରେ ଭକ୍ତାମାନେ ମୟୂରଭଞ୍ଜ ମହାରାଜାଙ୍କ(ବର୍ତ୍ତମାନ ଜିଲ୍ଲାପାଳ) ଦ୍ୱାରା ସମ୍ବର୍ଦ୍ଧିତ ହୁଅନ୍ତି । ଏହି ସମୟରେ ଭକ୍ତାମାନଙ୍କ ସହିତ ବାରିପଦା ଉତ୍ତରସାହି ଓ ଦକ୍ଷିଣସାହିର ଛଉ କଳାକାରମାନେ ମଧ ସାମିଲ ହୋଇଥାନ୍ତି । ଏହାପରେ ଉତ୍ତରସାହି ଓ ଦକ୍ଷିଣସାହିର ଛଉ କଳାକାରମାନେ ଅଲଗା ଅଲଗା ଭାବେ ଛଉନୃତ୍ୟ ପରିବେଷଣ କରିଥାନ୍ତି । ଏହି ଦୁଇ ସାହି ମଧ୍ୟରେ ପ୍ରତିଯୋଗିତା ମୂଳକ ନୃତ୍ୟକୁ ଜିଲ୍ଲା ତଥା ଜିଲ୍ଲାବାହାରୁ ହଜାର ହଜାର ସଂଖ୍ୟାରେ ଆସିଥିବା ଦର୍ଶକ ସାରା ରାତି ମନଭରି ଉପଭୋଗ କରିଥାନ୍ତି । ମହାରାଜାଙ୍କ ଶାସନ ସମୟରେ ଛଉନୃତ୍ୟ ରାଜଦରବାର ମଧ୍ୟରେ ହେଉଥିବା ବେଳେ ପରବର୍ତ୍ତି ସମୟରେ ଛଉପଡ଼ିଆକୁ ସ୍ଥାନାନ୍ତରିତ ହୋଇଥିଲା । ସେହିପରି ଛଉନୃତ୍ୟ ପୂର୍ବରୁ ୫ ରାତି ଚାଲୁଥିବା ବେଳେ କାଳକ୍ରମେ ଏହା ୩ ରାତି ପରିବେଷଣ ହଲେ । ପ୍ରଥମ ରାତିରେ ଅର୍ଥାତ୍ ଏପ୍ରିଲ ୧୧ରେ ଜିଲ୍ଲାର ଗ୍ରାମାଞ୍ଚଳ ଓ ଦ୍ୱିତୀୟ, ତୃତୀୟ ରାତିରେ ବାରିପଦା ଦକ୍ଷିଣସାହି, ଉତ୍ତରସାହି ଛଉନୃତ୍ୟ ପ୍ରଦର୍ଶନ କରୁଥିଲେ । ପୁଣି ଏହାର ପରିବେଷଣ ସମୟ ସାରଣୀରେ ପରିବର୍ତ୍ତନ କରାଯାଇ ରାତି ୧୨ରୁ ଗୋଟାଏ ମଧ୍ୟରେ ସିମୀତ ରଖାଗଲା । ଛଉନୃତ୍ୟରେ ବ୍ୟବହୃତ ବାଦ୍ୟଯନ୍ତ୍ର ସମୟରେ ଧୁମସା, ଚଡ଼ଚଡ଼ି,ଲେଢ଼ାଲ ଓ ମହୁରୀ ନାଦ କାହି କେତେଦୂରରୁ ଦର୍ଶକମାନଙ୍କୁ ପଡ଼ିଆକୁ ଆକୃଷ୍ଟ କରାଇ ଆଣୁଥାଏ । ଚଳିତ ବର୍ଷ ଜିଲ୍ଲାପ୍ରଶାସନ ପକ୍ଷରୁ ମୟୂରଭଞ୍ଜର ଗଣପର୍ବ ଚୈତ୍ରପର୍ବକୁ ଋଦ୍ଧିମନ୍ତ କରାଇବା ସହ ଦର୍ଶକମାନଙ୍କୁ ଅଧିକ ଆକୃଷ୍ଟ କରାଇବା ନିମନ୍ତେ ଆନ୍ତଃରାଜ୍ୟ ପଲ୍ଲୀଶ୍ରୀମେଳା ଆଦିର ଆୟୋଜନ କରିବାର ନିଷ୍ପତ୍ତି ନେଇଥିଲେ । କିନ୍ତୁ, ଚଳିତ ବର୍ଷ କରୋନା ଭୂତାଣୁ କୋଭିଡ଼-୧୯କୁ ନେଇ ଜିଲ୍ଲାରେ ଜାରି ହୋଇଥିବା ଲକ୍ ଡ଼ାଉନ ବାରିପଦା ଛଉପଡ଼ିଆରେ ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ସହି ପଲ୍ଲୀଶ୍ରୀମେଳା ଆୟୋଜନ ସାଙ୍ଗକୁ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଭୋଜନ ଉପରେ କଟକଣା କାରଣରୁ ଫିକାପଡ଼ିଗଲା । ଚଇତିର ମହକ 'ଚୈତ୍ର ପର୍ବ' ବିନା ଅନୁଭବରେ ସମାପ୍ତ ହେଲା। ଯାହା ସମଗ୍ର ଜିଲ୍ଲାବାସୀ ତଥା ଜିଲ୍ଲାବାହାରୁ ଆସୁଥିବା ଦର୍ଶକମାନଙ୍କ ହୃଦୟରେ ଅପୂରଣୀୟ ଆଘାତ ଦେଇ ଗଲା। ବାରିପଦା ଛଉପଡ଼ିଆ ହଜାର ହଜାର ଦର୍ଶକମାନଙ୍କ ଗହଣରେ ପରିପୂର୍ଣ୍ଣ ହେବା ବଦଳରେ ଶୂନଶାନ୍ ରହିଗଲା।



# ପ୍ରାଣୀସମ୍ପଦ କ୍ଷେତ୍ର ପାଇଁ ମାର୍ଗଦର୍ଶିକା ଜାରି



**ଭୁବନେଶ୍ୱର :** କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣ ମୁକାବିଲା କରିବା ନିମନ୍ତେ ଭାରତ ସମେତ ସାରା ରାଜ୍ୟରେ ଲକ୍‌ଡାଉନ୍ ଜାରି କରାଯାଇଥିବାବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ୧୩ ତାରିଖରୁ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ର ଯଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରକୁ ଲକ୍‌ଡାଉନ୍ କଟକଣାରୁ ମୁକ୍ତ ରଖାଯିବା ସମ୍ପର୍କରେ ମାର୍ଗଦର୍ଶିକା ଜାରି କରାଯାଇଛି। ମାଛ, ମାଂସ, ଅଣ୍ଡା, ଦୁଗ୍ଧ ଆଦିକୁ ଅତ୍ୟାବଶ୍ୟକ ଦ୍ରବ୍ୟ ଭାବରେ ଘୋଷଣା କରାଯିବା ସହିତ ଏହାର ଉତ୍ପାଦନ, ବିକ୍ରିବଟା ଓ ପରିବହନକୁ କୋହଳ କରାଯାଇଥିବା ପରିପ୍ରେକ୍ଷୀରେ ଆସନ୍ତା ଦିନଗୁଡ଼ିକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରକୁ ତା'ର ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଶୁକ୍ରବାର ଲୋକସେବା ଭବନଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଡ. ସାହୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଜିଲ୍ଲାର ସଦ୍ୟତମ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲାରେ ମାଛ ଚାଷ, ମାଛଧରା ଓ ଏହାର ବିକ୍ରି ଏବଂ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସାଳୟ ଆଦି କ୍ଷେତ୍ର ଖୋଲା ରହିବା ଦିଗରେ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ସାମାଜିକ ଦୂରତ୍ୱ ନିୟମକୁ ମାନି ଆନୁଷଙ୍ଗିକ କ୍ଷେତ୍ରର ସମସ୍ତ କାର୍ଯ୍ୟ କରାଯିବ। ଜିଲ୍ଲାଠାରୁ ଆରମ୍ଭ କରି ବ୍ଲକ୍ ଏବଂ ପଞ୍ଚାୟତସ୍ତରରେ ଥିବା ସମସ୍ତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକ ପୂର୍ବପରି କାର୍ଯ୍ୟ କରିବ ଏବଂ ଅଧିକାରୀ ଓ କର୍ମଚାରୀମାନେ ସଦର ମହକୁମା ଛାଡ଼ି ଯାଇପାରିବେ ନାହିଁ। କ୍ଷେତ୍ର ଅଧିକାରୀମାନେ ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଚାଷୀ ଓ ଖାଉଟିମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ। କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ ହୋଇ ତୁରନ୍ତ ସେଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ଏକ ବିଶେଷ ପରିସ୍ଥିତିର ମୁକାବିଲା ପାଇଁ ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥିତିରେ ସୁଧାର ଆଣିବା ଦିଗରେ ଜିଲ୍ଲା ନିମନ୍ତେ ନିୟୋଜିତ ନୋଡାଲ ଅଧିକାରୀମାନେ ପ୍ରତ୍ୟେକ ଦିନ ଜିଲ୍ଲାସ୍ତରୀୟ ଏବଂ ତୃଣମୂଳସ୍ତରର ଅଧିକାରୀମାନଙ୍କ ସହିତ ସିଧାସଳଖ ଯୋଗାଯୋଗ କରିବା ପାଇଁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଜନସାଧାରଣଙ୍କ ମଧ୍ୟରେ କରୋନା ଭୂତାଣୁ ସଂକ୍ରମଣ ପରିପ୍ରେକ୍ଷୀରେ ମାଛ, ମାଂସ, ଅଣ୍ଡା ଆଦି ଖାଇବା ବିଷୟରେ ଥିବା କିଛି ଭ୍ରାନ୍ତ ଧାରଣାକୁ ଦୂର କରିବା ନିମନ୍ତେ ବ୍ୟାପକ ଜନସଚେତନତା କାର୍ଯ୍ୟ କରିବା ପାଇଁ କହିଥିଲେ।

# ସାଭେକ୍ସ ଟେକ୍ନୋଲୋଜି ଓ ଶାନ୍ତିଧାମ ତରଫରୁ ଖାଦ୍ୟ ସାମଗ୍ରୀ ବଣ୍ଟନ







**ଭୁବନେଶ୍ୱର :** ରାଜ୍ୟର ଅଗ୍ରଣୀ ସୂଚନା ପ୍ରଦ୍ୟୋଗିକ ସଂସ୍ଥା ସାଭେକ୍ସ ଟେକ୍ନୋଲୋଜି ଓ ସ୍ୱେଚ୍ଛାସେବୀ ସଂଗଠନ ଶାନ୍ତିଧାମ ଫାଉଣ୍ଡେସନ ପକ୍ଷରୁ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ହଜାରେରୁ ଊର୍ଦ୍ଧ୍ୱ ପରିବାରକୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଲକ୍‌ଡାଉନ୍ ଅବଧି ଚାଲିଥିବାରୁ ଗରିବ ଲୋକମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ଖାଦ୍ୟ ଚିନ୍ତାରେ ରହିଥିଲା ବେଳେ ସାଭେକ୍ସ ଓ ଶାନ୍ତିଧାମ ଗରିବଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିଛି। ଉଭୟ ସଂଗଠନ ପକ୍ଷରୁ ପୁରୁଣା ଭୁବନେଶ୍ୱରର ତାରିଣୀ ବସ୍ତି, ସାମନ୍ତରାପୁର, ଜ୍ଞାନନଗର, କେଦାରଗୌରୀ, ପୁନାମାଗେଟ୍ ସାହି, ଖରାଖିଆ, କୈବର୍ତ୍ତସାହି, କଞ୍ଚସାହି ପ୍ରଭୃତି ଅଞ୍ଚଳରେ ଗରିବ ଲୋକଙ୍କ ପାଖରେ ଶୁଖିଲା ଖାଦ୍ୟ ପହଞ୍ଚା ଯାଇଛି। ଏଥିରେ ଚାଉଳ, ଡାଲି, ଚୁଡ଼ା, ଚିନି, ଚ଼' ପତି ଓ ବିସ୍କୁଟ୍ ଭଳି ସାମଗ୍ରୀ ଲୋକମାନଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍ ଆରମ୍ଭ ଠାରୁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଲକ୍‌ଡାଉନ୍ ପାଇଁ ବହୁ ଲୋକ ଅସୁବିଧାରେ ରହିଥିବାରୁ ସେମାନେ କିଭଳି ଭୋକିଲା ନ ରହିବେ ସେଥିପାଇଁ ସାଭେକ୍ସ ଓ ଶାନ୍ତିଧାମ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଏହି ଅଞ୍ଚଳରେ ରହୁଥିବା ଗରିବ ଲୋକମାନଙ୍କ ଘର ଚିହ୍ନଟ କରି ସେମାନଙ୍କ ନିକଟରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇବା ସହିତ ଦିନକୁ କେତେଥର ସାବୁନ୍‌ରେ ହାତ ଧୋଇବାକୁ ପଡିବ ଓ ମାସ୍କ ପିନ୍ଧିଲେ କରୋନା ଭୂତାଣୁ ସଂକ୍ରମଣ ରୋକିହେବ ସେ ଦିଗରେ ସଚେତନ କରାଯାଉଛି। ଏଥିସହିତ କରୋନା ସଂକ୍ରମଣର କୌଣସି ସୂଚନା ଦେଖାଦେଲେ ତୁରନ୍ତ ସରକାରୀ ଡାକ୍ତରୀଖାନାରେ ପରାମର୍ଶ ନେବା ପାଇଁ ମଧ୍ୟ ସଂଗଠନର କର୍ମକର୍ତ୍ତାମାନେ ଲୋକଙ୍କୁ ବୁଝାଇଥିଲେ। ଲିଙ୍ଗରାଜ ଥାନାର ଆରକ୍ଷୀ ନିରୀକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ସହଯୋଗରେ ସାଭେକ୍ସ ଓ ଶାନ୍ତିଧାମର ମୁଖ୍ୟ ସୌଭାଗ୍ୟ ରାଉତରାଏଙ୍କ ନେତୃତ୍ୱରେ ଗୁରୁପ୍ରସାଦ ଦାସ, ଅଜୟ କୁମାର ହୋତା, ସୁଜିତ କୁମାର ଦାସ, ସତ୍ୟନାରାୟଣ ମହାନ୍ତି, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଲକ୍‌ଡାଉନ୍ ଅବଧି ଶେଷ ପର୍ଯ୍ୟନ୍ତ ଏଭଳି କାର୍ଯ୍ୟକ୍ରମ ଚାଲିବ ବୋଲି କହିଛନ୍ତି ଶ୍ରୀ ରାଉତରାଏ।




# ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଆଇପିଏଲ

**ମୁମ୍ବାଇ :** ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ ବା ବିସିସିଆଇ ଅନିର୍ଦ୍ଦିଷ୍ଟକାଳ ଲାଗି ଇଣ୍ଡିଆନ ପ୍ରିମିୟର ଲିଗ୍ - ୨୦୨୦ (ଆଇପିଏଲ୍) ର ତ୍ରୟୋଦଶ ସଂସ୍କରଣକୁ ସ୍ଥଗିତ ରଖିଛି। କରୋନା ଭାଇରସ୍ ଯୋଗୁଁ ସରକାର ଲକ୍‌ଡାଉନ୍ ସମୟସୀମାକୁ ମେ' ୩ ତାରିଖ ଯାଏ ବୃଦ୍ଧି କରିବା ଫଳରେ ବିସିସିଆଇ ନିକଟରେ ଅନ୍ୟ କିଛି ଉପାୟ ନଥିଲା। ଏ ସମ୍ପର୍କରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟେଶ ଶାହଙ୍କ ସମେତ ବୋର୍ଡର ଅନ୍ୟାନ୍ୟ କର୍ମକର୍ତ୍ତା ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିବା ପରେ ଏହି ଟୁର୍ଣ୍ଣାମେଣ୍ଟକୁ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ମଧ୍ୟ ସମସ୍ତ ଫ୍ରାଞ୍ଚାଇଜ୍ ଗୁଡିକୁ ଜଣାଇଦିଆଯାଇଛି। ପରବର୍ତ୍ତି ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ସ୍ଥଗିତ ରହିଲା ବୋଲି ଉଭୟ ସଭାପତି ଓ ସମ୍ପାଦକ ସମସ୍ତ ଫ୍ରାଞ୍ଚାଇଜିମାନଙ୍କୁ ଜଣାଇଦେଇଛନ୍ତି। କିନ୍ତୁ କରୋନା ଭାଇରସ୍‌ର ପ୍ରଭାବ ଯୋଗୁଁ ମାର୍ଚ୍ଚ ୨୯ରୁ ଆରମ୍ଭ ହେବାକୁ ଥିବା ଏହି



ଟୁର୍ଣ୍ଣାମେଣ୍ଟକୁ ଏପ୍ରିଲ ୧୫ ଯାଏ ଘୁଞ୍ଚାଇ ଦିଆଯାଇଥିଲା। ଆଲୋଚନା ପରେ ବିସିସିଆଇ ଯେ କୌଣସି ମୁହୂର୍ତ୍ତରେ ଆନୁଷ୍ଠାନିକ ଘୋଷଣା କରିବ ବୋଲି ଆଶା କରାଯାଉଛି। ଏହି ନିଷ୍ପତ୍ତି ପଛରେ ବିସିସିଆଇ ବିକଳ୍ପ ସମୟ ପାଇବାରେ ଅନେକ ପ୍ରତିବନ୍ଧକ ରହିଥିବାରୁ ଟୁର୍ଣ୍ଣାମେଣ୍ଟ କେବେ ଆୟୋଜିତ ହୋଇପାରିବ ତାହା ଉପରେ କିଛି ବି କୁହାଯାଇପାରିବ ନାହିଁ। ଏଣୁ ଏଭଳି ଯଦି ଓ କିନ୍ତୁର ପ୍ରସ୍ତାବ ଉପରେ ଆଲୋଚନା କରିବା ଅପେକ୍ଷା ଏହି ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ରଖିବା ଶ୍ରେୟସ୍କର ହେବ ବୋଲି ବିସିସିଆଇ କର୍ମକର୍ତ୍ତାମାନେ ଆଶା କରୁଛନ୍ତି। 'ବର୍ତ୍ତମାନ ସୃଷ୍ଟି ହୋଇଥିବା ଅଚଳାବସ୍ଥା କେବେ ସାଧାରଣ ସ୍ଥିତିକୁ ଫେରିବ, ସେ ସମ୍ପର୍କରେ କେହି ବି ଭବିଷ୍ୟବାଣୀ କରିହେବ ନାହିଁ। ଚଳିତବର୍ଷ ଆଇପିଏଲ ହେବ କି ନାହିଁ ସେ ସମ୍ପର୍କରେ ମଧ୍ୟ କେହି କହିରିବେ ନାହିଁ। ବିସିସିଆଇ ସମସ୍ତ ସମ୍ଭାବ୍ୟ ପ୍ରସ୍ତାବ ଉପରେ ନଜର ରଖିଛି ଏବଂ ଠିକଣା ସମୟରେ ଏ ସମ୍ପର୍କରେ ସୂଚନା ଦେବ' ବୋଲି ଜଣେ ଫ୍ରାଞ୍ଚାଇଜ୍ ମାଲିକ କହିଛନ୍ତି। ସେ ମଧ୍ୟ ଆହୁରି କହିଛନ୍ତି ଟି-୨୦ ୱାର୍ଲ୍ଡ କପ୍ ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କିନ୍ତୁ ବର୍ତ୍ତମାନ ସ୍ଥିତିରେ କୌଣସି ଉନ୍ନତି ହୋଇ ନଥିବାରୁ ସେହି ସମୟରେ ଯାତାୟତ ହୋଇପାରିବ କି ନାହିଁ, ଖେଳାଳିମାନେ ଉପଲବ୍ଧ ଥିବେ କି ନାହିଁ ସେ ସମ୍ପର୍କରେ କିଛି ବି ସୂଚନା ମିଳୁନାହିଁ। ଏଣୁ କି ରି ଏହି ସମୟରେ ଆଇପିଏଲ୍ ଆୟୋଜନ କରାଯାଇପାରିବ ସେ ସମ୍ପର୍କରେ କେହି କିଛି କହି ।ରିବେ ନାହିଁ। ଆସନ୍ତା ଦିନ ଗୁଡିକରେ ସ୍ଥିତିରେ କି ପ୍ରକାର ପରିବର୍ତ୍ତନ ହେବ ତାହା ଉପରେ ଆଇପିଏଲ ହେବ କି ନହେବ ଜଣାପଡ଼ିବ। ଏବେଠାରୁ ଆୟୋଜନ ସମ୍ପର୍କରେ ଭବିଷ୍ୟବାଣୀ କରିବା ଆଦୌ ସମ୍ଭବ ନୁହେଁ। ଏ ସମ୍ପର୍କରେ ଆମେ ଅପେକ୍ଷା କରିବୁ' ବୋଲି ଆଉ ଜଣେ ଫ୍ରାଞ୍ଚାଇଜିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଏହା ପୂର୍ବରୁ ମଧ୍ୟ ବିସିସିଆଇ ସଭାପତି ଏ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱରେ ବର୍ତ୍ତମାନ ସ୍ଥିତି ଯାହା ସେଥିରେ କୌଣସି ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ଅସମ୍ଭବ ବୋଲି ଗାଙ୍ଗୁଲି ପୂର୍ବରୁ କହିଥିଲେ। ବିସିସିଆଇର ଆଉ ଜଣେ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ପରିସ୍ଥିତି ନିୟନ୍ତ୍ରଣକୁ ଆସିଲେ ଯାଇ ଆଇପିଏଲ-୨୦୨୦ ସମ୍ପର୍କରେ କିଛି ନିଷ୍ପତ୍ତି ନିଆଯାଇପାରିବ, ନଚେତ ଏହାକୁ ବାତିଲ କରିବାକୁ ପଡ଼ିବ। ଏ ସମ୍ପର୍କରେ ବିସିସିଆଇ କର୍ମକର୍ତ୍ତା, ଫ୍ରାଞ୍ଚାଇଜି ମାଲିକ, ପ୍ରସାରଣ ସଂସ୍ଥା ମିଳିତଭାବେ ଆଲୋଚନା କରାଯିବା ପରେ ବାତିଲ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରିବ। କିନ୍ତୁ ପରିସ୍ଥିତିରେ ଯେପରି ଅବନତି ଘଟୁଛି, ସେଥିରେ ଚଳିତବର୍ଷର ଆଇପିଏଲ ହେବା ଅସମ୍ଭବ ମନେହେଉଛି। ଏହା ବାତିଲ ହେଲେ ପ୍ରାୟ ୩୦୦୦ କୋଟି ଟଙ୍କାର କ୍ଷତି ହେବ ବୋଲି ଆକଳନ କରାଯାଇଛି।

# ପୁଲିସ ପାଇଁ ୨୪ଟି 'ସମର ସେଡ୍'

**ଭୁବନେଶ୍ୱର :** 'କରୋନା' ମୁକାବିଲାରେ ପୁଲିସ କର୍ମଚାରୀମାନେ ମୁଣ୍ଡଫଟା ଖରାରେ ଛିଡ଼ା ହୋଇ ଡ୍ୟୁଟି କରୁଛନ୍ତି। ଏମିତିକି ଅନେକ ସ୍ଥାନରେ ବିଶ୍ରାମ ନେବା ପାଇଁ ଉଚିତ୍ ସ୍ଥାନ ନାହିଁ। ଏହାକୁ ଦୃଷ୍ଟିରେ ରଖି ଆପ୍‌ନୋ ପରିବାର ଚାରିଟେବଲ ସଂସ୍ଥା ପକ୍ଷରୁ ରାଜଧାନୀର ୨୪ଟି ସ୍ଥାନରେ ସମର ସେଡ୍ ତଥା ଗ୍ରୀଷ୍ମ ତମ୍ବୁର ବ୍ୟବସ୍ଥା କରାଯାଇଛି। ଏହି ସେଡ୍ ତଳେ ପୁଲିସ କର୍ମଚାରୀମାନେ ଡ୍ୟୁଟି କରିବାବେଳେ ଆବଶ୍ୟକ ପଡ଼ିଲେ ବିଶ୍ରାମ ନେଇପାରିବେ। ଏହି ସେଡ୍ ବ୍ୟବସ୍ଥା ଆରମ୍ଭ ହୋଇଥିବାବେଳେ ପୁଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ଅତିରିକ୍ତ ପୁଲିସ କମିଶନର ସଞ୍ଜୟ ସିଂ, ଅତିରିକ୍ତ ପୁଲିସ କମିଶନର ଅନୁପ କୁମାର ସାହୁ ଓ ଟ୍ରାଫିକ୍ ଡିସି ସାଗରିକା ନାଥ ସମର ସେଡ୍‌ର ପରିଦର୍ଶନ କରିଛନ୍ତି।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି